## ଚୋରି ସ୍କୁଟି ଜବତ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, (ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରିବିହାରରୁ ସ୍କୁଟି ଚୋରି କରିଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଶୈଳଶ୍ରୀବିହାର ଛକରୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲାର ଆଦିତ୍ୟ ପ୍ରଧାନ (୨୭)। ତାଙ୍କଠାରୁ ଚୋରି ସ୍କୁଟିକୁ ଜବତ କରାଯାଇଛି। ଉକ୍ତ ସ୍କୁଟିଟି ନୀଳାଦ୍ରିବିହାର ପ୍ଲଟ୍ ନଂ.ଜିଏ୧୫୦ରେ ରହୁଥିବା ଚିନ୍ମୟ ସ୍ୱାଇଁଙ୍କର। ଘର ଅଗରେ ଥିବାବେଳେ ଆଦିତ୍ୟ ତାହାକୁ ଚୋରି କରିନେଇଥିଲେ। ଏନେଇ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇଥିଲା। ଆଦିତ୍ୟଙ୍କ ନାଁରେ ପୂର୍ବରୁ ଚନ୍ଦକା ଓ ମଞ୍ଚେଶ୍ୱର ଥାନାରେ ମାମଲା ରହିଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ ସମ୍ମୁଖ ଓ ମୁଖ୍ୟ ଡାକଘର ପାଖ, ସକାଳ ୯ଟା।
- ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର, ଶାସ୍ତ୍ରୀ ନଗର, କଲଚରାଲ ଆସୋସିଏଶନ, ୟୁନିଟ-୪, ସକାଳ ୯ଟା।
- ସମାଜବାଦୀ ପାର୍ଟି ପକ୍ଷରୁ ବିଭିନ୍ନ ଦାବି ନେଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ, ରାଜଭବନ, ମଧ୍ୟାହ୍ନ ୧୨ଟା ୪୦।
- କଳିଙ୍ଗ କଲେଜ ଅଫ୍ ଆର୍ଟର ପ୍ରତିଷ୍ଠା ଦିବସ ଏବଂ ବାର୍ଷିକ କଳା ପ୍ରଦର୍ଶନୀ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସଙ୍ଗୀତଭିତ୍ତିକ ସମର୍ପଣ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ନନ୍ଦନକାନନରେ ପୁଣି ଚାଲିଲା ଶିଶୁ ରେଳଗାଡ଼ି

**ବାରଙ୍ଗ,୨୩।୨(ଡି.ଏନ୍.ଏ)**

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜିଥିବା ଶିଶୁ ରେଳଗାଡି ପୁଣିଥରେ ଚାଲିବା ଆରମ୍ଭ କରିଛି। ଆବଶ୍ୟକ ମରାମତି ପରେ ବୁଧବାର ଶିଶୁରେଳଗାଡି ଟ୍ରାକ୍‌ରେ ଗଡ଼ିଥିଲା। ୬ ଟ୍ରିପ୍‌ରେ ସମୁଦାୟ ୧୯୮ଜଣ ପର୍ଯ୍ୟଟକ ସେଥିରେ ବସି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ଏହି ପର୍ଯ୍ୟଟକଙ୍କ ମଧ୍ୟରେ ୧୪୯ଜଣ ବୟସ୍କ ଓ ୪୯ଜଣ ଛୋଟ ପିଲା ରହିଥିଲେ। ଦୀର୍ଘଦିନ ପରେ ଶିଶୁ ରେଳଗାଡ଼ିରେ ବସିବାର ସୁଯୋଗ ମିଳିଥିବାରୁ ସେମାନେ ବେଶ୍ ଆନନ୍ଦ ପ୍ରକାଶ କରିଥିଲେ।




ସୂଚନାଯୋଗ୍ୟ, ୭ ବର୍ଷ ପରେ ଗତବର୍ଷ ଶିଶୁରେଳଗାଡ଼ି ଚାଲିଥିଲା। ୪ କୋଟି ୯୮ଲକ୍ଷ ଟଙ୍କା ବ୍ୟୟରେ ରାଇଟ୍ସ କମ୍ପାନୀ ଦ୍ୱାରା ଅତ୍ୟାଧୁନିକ ଶୈଳୀରେ ଶିଶୁ ରେଳଗାଡିର ନବୀକରଣ କରାଯାଇ ଅକ୍ଟୋବର ୮ରେ ଏହାକୁ ଲୋକାର୍ପଣ କରାଯାଇଥିଲା। ବିଭାଗୀୟ ମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଅକ୍ଟୋବର ୧୪ରେ ଚାଲିବା ଆରମ୍ଭ କରିଥିଲା। ଶିଶୁ ସମେତ ପର୍ଯ୍ୟଟକ ବୁଲି ମଜା ନେଉଥିବାବେଳେ ଶିଶୁରେଳ ଗାଡ଼ିଟି ହଠାତ୍ ଧୂଆଁମୟ ହୋଇଯାଇଥିଲା। ଟ୍ରେନ ଚାଳକ ଗାଡ଼ିକୁ ରୋକି ଓହ୍ଲାଇ ପଡିବା ପରେ ଭୟରେ ଯାତ୍ରୀମାନେ ମଧ୍ୟ ଓହ୍ଲାଇ ପଡ଼ି ଦୌଡ଼ିଥିଲେ। ଖବରପାଇ ନନ୍ଦନକାନନର କର୍ମଚାରୀମାନେ ପହଞ୍ଚି ଯାଞ୍ଚ କରିବାରୁ ବ୍ୟାଟେରି ବଗିରେ କୌଣସି କାରଣବଶତଃ କଣ୍ଟ୍ରୋଲ ପ୍ୟାନେଲ ବୋର୍ଡ ଶର୍ଟସର୍କିଟ ହୋଇ ପୋଡିଯାଇ ଧୂଆଁ ହୋଇଯାଇଥିଲା। ନିଆଁ ଲାଗିବାକୁ ଆରମ୍ଭ କରିବା ପୂର୍ବରୁ ବେଟେରି ସଂଯୋଗକୁ ବିଚ୍ଛିନ୍ନ କରାଯାଇଥିଲା। ତେବେ ପର୍ଯ୍ୟଟକମାନେ ସୁରକ୍ଷିତ ଭାବେ ଟ୍ରେନ୍‌ରୁ ଓହ୍ଲାଇ ଯାଇଥିଲେ। ଏହାପରେ ମରାମତି କରାଯାଇ ଚାଲିଥିଲେ ମଧ୍ୟ ବାରମ୍ବାର ଯାନ୍ତ୍ରିକ ବିଭ୍ରାଟ ଦେଖାଇଦେଇଥିଲା। ଦଶହରା ଦିନ ୫୦ଜଣ ପର୍ଯ୍ୟଟକଙ୍କୁ ବୁଲାଇ ପ୍ଲାଟଫର୍ମକୁ ଫେରୁଥିବାବେଳେ ପ୍ୟାନେଲ ବୋର୍ଡ ଓ ମୋଟର ପୋଡି ଧୂଆଁମୟ ହୋଇଯାଇଥିଲା। ସେହିଦିନଠାରୁ ମରାମତି ପାଇଁ ଏହାକୁ ବନ୍ଦ କରାଯାଇଥିଲା।



ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସର ପିଆଜ କ୍ଷେତରେ କୃଷି ଶ୍ରମିକମାନେ ଅନାବନା ଘାସ ବାଛିବା ସହ କୋଡ଼ାଖୋସା କରୁଛନ୍ତି।

## ସଂକ୍ଷେପରେ

### ଧର୍ମାନୁଷ୍ଠାନ କଟକଣା କୋହଳ କଲା ବିଏମ୍‌ସି

**ଭୁବନେଶ୍ୱର, ୨୩।୨(ବ୍ୟୁରୋ):** କରୋନା ସଂକ୍ରମଣ ଏଡ଼ାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ରାଜଧାନୀର ସମସ୍ତ ଧର୍ମାନୁଷ୍ଠାନରେ ଲାଗୁ ହୋଇଥିବା କଟକଣାକୁ କୋହଳ କରାଯାଇଛି। ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଏଣିକି ଆଉ କୋଭିଡ୍ ପ୍ରମାଣପତ୍ରର ଆବଶ୍ୟକତା ନାହିଁ ବୋଲି ବିଏମ୍‌ସି କହିଛି। ଏ ନେଇ ବୁଧବାର ଜାରି ହୋଇଥିବା ବିଜ୍ଞପ୍ତିରେ କୁହାଯାଇଛି, ପୂର୍ବରୁ ରାଜଧାନୀର ଧର୍ମାନୁଷ୍ଠାନ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ପାଇଁ ଦୁଇ ଡୋଜ୍ କୋଭିଡ୍ ଟିକାକରଣ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଥିଲା। ହେଲେ ବର୍ତ୍ତମାନର କରୋନା ପରିସ୍ଥିତିକୁ ଦେଖି ଏହି କଟକଣାକୁ ଉଠାଇ ଦିଆଯାଇଛି। ତେବେ ଧର୍ମାନୁଷ୍ଠାନ କର୍ତ୍ତୃପକ୍ଷ କରୋନା ପାଇଁ ଥିବା ଅନ୍ୟ କଟକଣା ଯେପରିକି ମାସ୍କ ପିନ୍ଧିବା, ସାନିଟାଇଜର ବ୍ୟବହାର, ସୋସିଆଲ ଡିଷ୍ଟାନ୍ସ ଆଦିକୁ ପାଳନ କରିବାକୁ ବ୍ୟବସ୍ଥା କରିବାକୁ କୁହାଯାଇଛି।

### ଅନ୍ତରୀଣ ରହିତାଦେଶ ଜାରି କଲେ ହାଇକୋର୍ଟ

**ପୁରୀ ୱାର୍ଡ ସୀମା ନିର୍ଦ୍ଧାରଣ ମାମଲା**

**କଟକ ଅଫିସ,୨୩।୨:** ପୁରୀ ପୌରପାଳିକାର ସୀମା ନିର୍ଦ୍ଧାରଣରେ ବ୍ୟାପକ ତ୍ରୁଟି ହୋଇଥିବା ଦର୍ଶାଇ ବୁଧବାର ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ବିଚାରପତି ବିଶ୍ୱନାଥ ରଥ ଏହାର ଶୁଣାଣି କରି ଜିଲାପାଳଙ୍କ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଫଳରେ ୨୦୧୮ରେ ସୀମା ନିର୍ଦ୍ଧାରଣ କମିଟି ପୁରୀରେ ସ୍ଥିର କରିଥିବା ୩୮ଟି ୱାର୍ଡରେ ନିର୍ବାଚନ ହେବା ଏକପ୍ରକାର ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ, ୨୦୧୮ରେ ସୀମା ନିର୍ଦ୍ଧାରଣ କମିଟି ପୁରୀ ପୌରପାଳିକାର ୱାର୍ଡ ସଂଖ୍ୟା ୩୮ ଧାର୍ଯ୍ୟ କରିଥିଲା। ୨୦୨୨ରେ ୱାର୍ଡ ପୁନର୍ଗଠନ ବେଳେ ଜିଲାପାଳ ୱାର୍ଡ ସଂଖ୍ୟା ୩୨କୁ କମାଇ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ୫ ଜଣ ପୂର୍ବତନ କାଉନସିଲର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ଆଜି ବାଲିଅନ୍ତା ବ୍ଲକରେ ଭୋଟ

**ବାଲିଅନ୍ତା,୨୩।୨(ଡି.ଏନ୍.ଏ):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୫ମ ତଥା ଶେଷ ପର୍ଯ୍ୟାୟରେ ବାଲିଅନ୍ତା ବ୍ଲକ ପାଇଁ ଗୁରୁବାର ଭୋଟ ଗ୍ରହଣ କରାଯିବ। ବ୍ଲକର ୧୬ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟ ଓ ୩ଟି ଜିଲା ପରିଷଦ ପାଇଁ ମତଦାନ ହେବ। ୧୨ଜଣ ଜିଲା ପରିଷଦ ପ୍ରାର୍ଥୀ, ୫୯ଜଣ ସରପଞ୍ଚ, ୫୦ଜଣ ସମିତି ସଭ୍ୟ ଓ ୪୦୮ ୱାର୍ଡ ସଭ୍ୟଙ୍କୁ ନେଇ ମୋଟ ୫୨୯ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ଗୁରୁବାର ନିର୍ଦ୍ଧାରଣ ହେବ। ୬ଟି ୱାର୍ଡରେ କେହି ପ୍ରାର୍ଥୀପତ୍ର ଦାଖଲ କରି ନ ଥିବା ବ୍ଲକ ପକ୍ଷରୁ ସୂଚନା ମିଳିଛି।

# ପୋଲିସ ଉପରୁ ଭରସା ତୁଟୁଛି, ନିର୍ବାଚନ କମିଶନଙ୍କ ଉପରେ ସନ୍ଦେହ ବଢୁଛି: କଂଗ୍ରେସ

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**

ଚଳିତ ତ୍ରିସ୍ତରୀୟ ନିର୍ବାଚନରେ ରାଜ୍ୟ ବିଭିନ୍ନ ସ୍ଥାନରେ ଘଟିଥିବା ହିଂସା, ଖବରଦାତାଙ୍କୁ ଆକ୍ରମଣ, ହତ୍ୟା ସହ ଆଚରଣବିଧି ଉଲ୍ଲଂଘନ ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାବି ରଖିଛି। ରାଜ୍ୟରେ ବାରମ୍ବାର ହିଂସା ପରେ ପୋଲିସ ଉପରୁ ଭରସା ତୁଟୁଛି ଓ ନିର୍ବାଚନ କମିଶନଙ୍କ ଉପରେ ସନ୍ଦେହ ବଢୁଛି ବୋଲି କଂଗ୍ରେସ କହିଛି।

ବୁଧବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ପଦ୍ମାକର ଗୁରୁ କହିଛନ୍ତି, ନିର୍ବାଚନ କମିଶନଙ୍କୁ ଲୋକେ ଦନ୍ତହୀନ କହିବା ପୂର୍ବରୁ ତୁରନ୍ତ ଅଭିଯୁକ୍ତଙ୍କ ଉପରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଯାଜପୁର ବିଞ୍ଝାରପୁରରେ ଜଣଙ୍କ ନାମ ଦୁଇତିନିଥର ଭୋଟର ଲିଷ୍ଟରେ ସ୍ଥାନ ପାଇଛି। ସେହିପରି ପଡୋଶୀ ଫତେପୁର ଗ୍ରାମରେ ମଧ୍ୟ ସମାନ ଘଟଣାର ନଜିର ରହିଛି। ପୋଲିଂ ଅଫିସର ନିମ୍ନମାନର କାଳି ଲଗାଇ ଶାସକ ଦଳର କର୍ମୀଙ୍କୁ ଭୋଟ ଅନିୟମିତତା ପାଇଁ ମୁକ୍ତ ସମର୍ଥନ ଜଣାଉଛନ୍ତି। ଦୁଇମାସ ବଦଳରେ ୨ ମିନିଟରେ କାଳି ଲିଭିଯାଉଛି। ସେହିପରି ଶାସକ ବିଜେଡି ପଞ୍ଚାୟତ ନିର୍ବାଚନକୁ ଏକପାଖିଆ କରିବାକୁ ଯାଇ ହିଂସା ଘଟାଉଛି। ଜିଲାପାଳ, ଏସ୍‌ପି ଓ ବିଡିଓ କ୍ଷମତାର ଅପବ୍ୟବହାର କରି ଶାସକ ଦଳର ଏଜେଣ୍ଟ ସାଜି କାମ କରୁଛନ୍ତି। ଗୋଟିଏ ବୁଥ୍‌ରେ ୩ ସାମ୍ବାଦିକଙ୍କ ଉପରେ ଆକ୍ରମଣ ହୋଇଛି। ଉକ୍ତ ବୁଥ୍‌ଟି ସମ୍ବେଦନଶୀଳ ହୋଇଥିଲେ ମଧ୍ୟ କେବଳ ଦୁଇ ହୋମଗାର୍ଡ଼ରେ ଶୃଙ୍ଖଳିତ ନିର୍ବାଚନ କେମିତି ହେବ ବୋଲି ଗୁରୁ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ହିଂସା ଘଟଣାରେ ମୁଖ୍ୟ ଅପରାଧୀଙ୍କୁ ପୋଲିସ ନ ଧରି ନିର୍ଦ୍ଦୋଷ ମହିଳା ଓ ପିଲାଙ୍କୁ ଧରୁଛି। ବାରମ୍ବାର ଫେରାଦ ଦେଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ନିର୍ବାଚନ କମିଶନ ନିଜକୁ ଅସହାୟ ମନେକଲେଣି। ଜନସାଧାରଣଙ୍କ ସନ୍ଦେହର ଶିକାର ହେବା ପୂର୍ବରୁ ନିର୍ବାଚନ କମିଶନ ଯାଜପୁର ଏସ୍‌ପି, ଜିଲାପାଳ, ବିଞ୍ଝାରପୁର ଓ ଦଶରଥପୁର ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ନଚେତ ଏମାନେ ଷ୍ଟ୍ରଙ୍ଗ୍‌ରୁମ୍‌ରେ ମଧ୍ୟ କିଛି ଓଲଟପାଲଟ କରିବାକୁ ସୁଯୋଗ ପାଇବେ ବୋଲି ସେ କହିଛନ୍ତି।

## ଉର୍ଦ୍ଦୁ ସେକେଣ୍ଡାର ସିଟି ଟ୍ରେନିଂ ସ୍କୁଲ ବନ୍ଦ ନିଷ୍ପତ୍ତିକୁ ଛାତ୍ର କଂଗ୍ରେସର ବିରୋଧ

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**

କଟକରେ ଉର୍ଦ୍ଦୁ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ବନ୍ଦ କରିବା ନିଷ୍ପତ୍ତିକୁ ବିରୋଧ କରିଛି ଛାତ୍ର କଂଗ୍ରେସ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଟ୍ରେନିଂ ସ୍କୁଲ ବନ୍ଦ ହୋଇଗଲେ ଓଡ଼ିଶାର ମୁସଲମାନ ସଂଖ୍ୟାଲଘୁ ଛାତ୍ରୀଛାତ୍ର ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହେବେ। କେବଳ ଉର୍ଦ୍ଦୁ ଶିକ୍ଷା ନୁହେଁ, ଏହି କ୍ଷେତ୍ରରେ ନିଯୁକ୍ତି ପାଇଁ ଆଶାୟୀ ଥିବା ଯୁବତୀଯୁବକ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ପ୍ରକାଶ କରିଛନ୍ତି।

ସେ କହିଛନ୍ତି, ୧୯୧୨ରୁ କଟକର ଶେଖ ବଜାରରେ ଉର୍ଦ୍ଦୁ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ପ୍ରତିଷ୍ଠା ହୋଇଥିଲା। ଉର୍ଦ୍ଦୁ ମାଧ୍ୟମରେ ପ୍ରାଥମିକ ଶିକ୍ଷକ ଟ୍ରେନିଂ ନିମନ୍ତେ ଏହି ଅନୁଷ୍ଠାନଟି ଉଦ୍ଦିଷ୍ଟ। କିନ୍ତୁ ଗତବର୍ଷରୁ ଏହି ଉର୍ଦ୍ଦୁ ଶିକ୍ଷାନୁଷ୍ଠାନରେ ଶିକ୍ଷାର୍ଥୀଙ୍କୁ ଆଡ୍‌ମିଶନ କରାଯାଇନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନରେନ୍ଦ୍ର ମୋଦିଙ୍କୁ ଖୁସି କରିବାକୁ ଯାଇ ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ୟାସିର ଅଭିଯୋଗ କରିଛନ୍ତି। ଯଦି ଓଡିଶା ସରକାର ଏହାକୁ ବନ୍ଦ କରନ୍ତି, ତେବେ ଓଡ଼ିଶା ଛାତ୍ର କଂଗ୍ରେସ ପକ୍ଷରୁ କଦାପି ବରଦାସ୍ତ କରାଯିବନାହିଁ। ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ରାଜରାସ୍ତାରେ ଲଢେଇ କରିବା ପାଇଁ ଓଡ଼ିଶା ଛାତ୍ର କଂଗ୍ରେସ ପ୍ରସ୍ତୁତ ଅଛି। ତେଣୁ ଓଡ଼ିଶା ସରକାର କେନ୍ଦ୍ରର ଭାଜପା ସରକାରଙ୍କ ହାତବାରିସି ନ ହୋଇ ଏହି ଟ୍ରେନିଂ ସ୍କୁଲକୁ ପୁନର୍ବାର ପରିଚାଳିତ କରନ୍ତୁ। ନଚେତ ଆଗାମୀ ଦିନରେ ଛାତ୍ର କଂଗ୍ରେସ ବୃହତ୍ ଆନ୍ଦୋଳନ କରିବ ବୋଲି ୟାସିର ଚେତାବନୀ ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମନ



@ ବିଜୟ



@ ସିଦ୍ଧେଶ୍ୱର



@ ସୂର୍ଯ୍ୟକାନ୍ତ



@ ବର୍ଷା



@ ସରୋଜ

# ସାମାଜିକ ବିକାଶ ପାଇଁ ଗଣମାଧ୍ୟମ ସଚେତନ ହେଉ

**ଭୁବନେଶ୍ୱର, ୨୩।୨(ବ୍ୟୁରୋ)**

**ଉତ୍କଳ ବିଶ୍ୱବିଦ୍ୟାଳୟରେ କର୍ମଶାଳା**

ସାମ୍ପ୍ରତିକ ପରିସ୍ଥିତିରେ ଭାରତୀୟ ସମାଜ ଜାତି, ଲିଙ୍ଗ ଓ ବର୍ଗ ଭିତ୍ତିରେ ବିଭିନ୍ନ ଶ୍ରେଣୀରେ ବିଭକ୍ତ ହୋଇ ବହୁ ସମସ୍ୟାର ସୂତ୍ରଧର ପାଲଟିଛି। ଫଳରେ ଦେଶର ସାମାଜିକ କ୍ଷେତ୍ର ଅବକ୍ଷୟ ହେବାରେ ଲାଗିଛି। ଯେହେତୁ ଏକ ରାଷ୍ଟ୍ର ପାଇଁ ସାମାଜିକ ବିକାଶ ବେଶ୍ ଗୁରୁତ୍ୱପୂର୍ଣ୍ଣ, ତେଣୁ ଗଣମାଧ୍ୟମକୁ ଏନେଇ ସଚେତନ ହେବାକୁ ପଡ଼ିବ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ କହିଛନ୍ତି।

ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ବୁଧବାର 'ଗଣମାଧ୍ୟମର ଆତ୍ମ ବିଶ୍ଳେଷଣ ଓ ଲିଙ୍ଗଗତ ସାମ୍ୟତା' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରଫେସର ମଲ୍ଲିକ ଯୋଗଦେଇ କହିଲେ, ଭାରତୀୟ ସମାଜର ପ୍ରଗତି ପଥରେ ବାଧା ଦୂରୀକରଣ ପାଇଁ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ ଏବଂ ଏହାହିଁ ବର୍ତ୍ତମାନ ସମୟର ଆହ୍ୱାନ। ତେବେ ଜଣେ ସାମ୍ବାଦିକ ନିଜର କଲମ ମାଧ୍ୟମରେ ସଦା ସର୍ବଦା ରାଷ୍ଟ୍ର ଗଠନରେ ନିଜର ବହୁମୂଲ୍ୟ ଯୋଗଦାନ ଦେଇଥାଏ। ସାମାଜିକ ବିକାଶ କ୍ଷେତ୍ରରେ ଗଣମାଧ୍ୟମ କେତେ ମାତ୍ରାରେ ସହଯୋଗ କରୁଛି ସେନେଇ ଆତ୍ମଚିନ୍ତନ କରିବା ଆବଶ୍ୟକ ବୋଲି ପ୍ରଫେସର ମଲ୍ଲିକ କହିଛନ୍ତି।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ମୁଖ୍ୟ ଡ. ବନ୍ଦିତା ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଗଣମାଧ୍ୟମର ଭୂମିକା ସବୁବେଳେ ସକାରାତ୍ମକ ଭାବେ ସମାଜ ନିର୍ମାଣ ପାଇଁ ଉତ୍ସର୍ଗୀକୃତ ହେବା ଉଚିତ। ସମାଜର ବିକାଶ ସେତେବେଳେ ସମ୍ଭବ ହେବ, ଯେତେବେଳେ ନାରୀ ପୁରୁଷ ଭେଦଭାବ ଦୂର ହୋଇପାରିବ। ସାମ୍ବାଦିକତା ଓ ଗଣମାଧ୍ୟମ ଛାତ୍ରୀଛାତ୍ରମାନେ ନିରପେକ୍ଷ ଭାବେ ନିଜର ଦକ୍ଷତା ଅନୁଯାୟୀ ଏହାକୁ ଉପସ୍ଥାପନା କରିବା ଉଚିତ ବୋଲି ସେ ପ୍ରକାଶ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସଂଯୋଜିକା ପ୍ରଫେସର ପଦ୍ମାଳୟା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ପଣ୍ଡା, ସହକାରୀ ପ୍ରଫେସର ଡ. ହେମନ୍ତ କୁମାର ଦାଶ ଓ ଡ. ଜ୍ୟୋତିର୍ମୟୀ ଗୁଡୁ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ସୁଦେଷ୍ଣା ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ରମାକାନ୍ତ ମହାନନ୍ଦ ଧନ୍ୟବାଦ ଦେଇଥିଲେ।

## ଖଣ୍ଡକାବ୍ୟ 'ପଞ୍ଚସତୀ ଓ ଅନ୍ୟମାନେ' ଲୋକାର୍ପିତ

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**

ଚଳାପଥ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଖଣ୍ଡକାବ୍ୟ 'ପଞ୍ଚସତୀ ଓ ଅନ୍ୟମାନେ' ଲୋକାର୍ପିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ ଏହାର ମୁଖବନ୍ଧ ଲେଖିଛନ୍ତି। ଓଡ଼ିଶା ସାମ୍ବାଦିକ ଭବନଠାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ କହିଛନ୍ତି, ଏପରି ଖଣ୍ଡକାବ୍ୟମାନ ଲେଖାଯିବାର ଆବଶ୍ୟକତା ବହୁତ ରହିଛି। ମୁଖ୍ୟବକ୍ତା ଭାବେ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ବିଜୟ ନାୟକ, ସମ୍ମାନିତ ଅତିଥି ଭାବେ ଯୁଗଶ୍ରୀ ଯୁଗନାରୀର ସମ୍ପାଦିକା ମମତା ମହାପାତ୍ର , କବି ତଥା ସାମ୍ବାଦିକ ପ୍ରମୋଦ କୁମାର ଏବଂ ରମାଦେବୀ ମହିଳା ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜ ଯୋଗଦେଇ ପୁସ୍ତକର ନୂତନତ୍ୱ, ଲେଖା ଶୈଳୀ ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଅର୍ଥ କମିଶନର ରବି ନାରାୟଣ ସେନାପତି ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଶିଷ୍ଟ ଅତିଥି ଇସ୍ରୋର ଅବସରପ୍ରାପ୍ତ ବୈଜ୍ଞାନିକ ତଥା ପ୍ରବାସୀ ସାହିତ୍ୟ ସଂସଦ ବାଙ୍ଗାଲୋରର ସଭାପତି ଡ. କାର୍ତ୍ତିକ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଣେ ବୈଜ୍ଞାନିକ ହୋଇ ଅବସର ପରେ ଓଡିଆରେ ଏମ୍‌ଏ କରି ପ୍ରାୟ ୪୫ ଖଣ୍ଡ ବିଜ୍ଞାନ ଓ ଅନ୍ୟାନ୍ୟ ପୁସ୍ତକ ରଚନା କରି ଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ସଭା ସଞ୍ଚାଳନା କରିଥିଲେ। ଚଳାପଥର ସମ୍ପାଦକ ହଳଧର ଧୀର, ମାନବ ଅଧ୍ୟୟନ କେନ୍ଦ୍ରର ସଭାପତି ଡ.ହରପ୍ରସନ୍ନ ଦାସ, ସଂଯୋଗର ସମ୍ପାଦକ ରାଜକୁମାର ସୁତାର, କବି ଦୁର୍ଗା ଷଡ଼ଙ୍ଗୀ, ସାହିତ୍ୟ ଚର୍ଚ୍ଚାର ସମ୍ପାଦକ ନିହାର ଶତପଥୀ, ନୀଳଶୈଳର ରଜନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀର ନୂଆସାହି ସେଭେନ୍ ଷ୍ଟାର୍ କ୍ଲବ୍ ପକ୍ଷରୁ ଆୟୋଜିତ ପ୍ରଥମ ନାଗେଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ହୋଇଥିବା ଚାମ୍ପିୟନ ଦଳ ନୋକାଲାମା ଟିମ୍‌ର ଖେଳାଳିମାନେ।



ଉତ୍କଳ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ବୁଧବାର ଅନୁଷ୍ଠିତ 'ଗଣମାଧ୍ୟମର ଆତ୍ମ ବିଶ୍ଳେଷଣ ଓ ଲିଙ୍ଗଗତ ସାମ୍ୟତା' ଶୀର୍ଷକ କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।



ଓଡ଼ିଶା ସାମ୍ବାଦିକ ଭବନରେ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଖଣ୍ଡକାବ୍ୟ 'ପଞ୍ଚସତୀ ଓ ଅନ୍ୟମାନେ'ର ଲୋକାର୍ପଣ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ଅନ୍ୟମାନେ।

## ସଂକ୍ଷେପରେ

### ଟ୍ରକ୍‌କୁ ପିଟିଲା ଟ୍ରକ୍, ଚାଳକ ଗୁରୁତର

ଯାଆଁଳା ,୨୩।୨(ଡି.ଏନ୍.ଏ.): ୧୬ନଂ. ଜାତୀୟ ରାଜପଥ ଭୁଆଶୁଣୀ ମନ୍ଦିର ସମ୍ମୁଖରେ ଏକ ଟ୍ରକ୍ ପଛକୁ ଅନ୍ୟ ଏକ ଟ୍ରକ ଧକ୍କା ଦେବାରୁ ଜଣେ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଟ୍ରକ ଚାଳକଙ୍କ ପରିଚୟ ଜଣାପଡି ନାହିଁ। ମିଳିଥିବା ସୂଚନା ଅନୁସାରେ, ବୁଧବାର ଅପରାହ୍ନ ୩ଟା ସମୟରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଏକ ଟ୍ରକ ଯାଉଥିଲା। ଭୁଆସୁଣୀ ମନ୍ଦିର ସମ୍ମୁଖରେ ଥିବା ଏକ ହମ୍ପସରେ ଟ୍ରକଟି ବ୍ରେକ ମାରି ହଠାତ୍ ଅଟକି ଯାଇଥିଲା। ପଛରୁ ଦ୍ରୁତ ବେଗରେ ଆସୁଥିବା ଆଉ ଏକ ଟ୍ରକ ଆଗ ଟ୍ରକ୍‌କୁ ଧକ୍କା ଦେଇଥିଲା। ଫଳରେ ଟ୍ରକର ବେଗ ଏତେ ଥିଲା ଯେ ଆଗ ଟ୍ରକ ପ୍ରାୟ ୫୦ ମିଟର ଠେଲି ହୋଇଯାଇଥିଲା। ପଛ ଟ୍ରକଟି ଆଗ ଗାଡ଼ିରେ ଲାଖି ରହିଯିବାରୁ ଟ୍ରକ ଚାଳକ ପୂରା ଚିପିହୋଇ ରହିଥିଲେ। ସ୍ଥାନୀୟ ଲୋକେ ଚାଳକଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ ବାହାର କରିପାରି ନ ଥିଲେ। ଖବର ପାଇ ଇଣ୍ଫୋଭ୍ୟାଲି ଥାନା ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କଟର ଦ୍ୱାରା କାଟିଥିଲେ ମଧ ଚାଳକ ଜଣକ ମୁକ୍ତ ହୋଇପାରି ନ ଥିଲା। ପରେ ଏକ କ୍ରେନ ଦ୍ୱାରା ଟ୍ରକଟିକୁ ଟାଣିବାରୁ ଚାଳକ ବାହାରିଥିଲେ। ତାଙ୍କ ଗୋଡ଼ ଓ ପେଟରେ ଗଭୀର ଆଘାତ ଲାଗିଛି। ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଡାକ୍ତରଖାନାକୁ ନିଆଯାଇଛି। ପୋଲିସ ଟ୍ରକ ଦୁଇଟିକୁ ଜବତ କରିଛି। ୧୬ ନମ୍ବର ରାଜପଥ ପ୍ରଶସ୍ତୀକରଣ ଓ ଓଭରବ୍ରିଜ କାର୍ଯ୍ୟ ଚାଲୁଥିବାରୁ ସର୍ଭିସ ରାସ୍ତାକୁ ଯାତାୟାତ ପାଇଁ ବ୍ୟବହାର କରାଯାଉଛି। ଏହି ରାସ୍ତା ସଂକୀର୍ଣ୍ଣ ହୋଇଥିବାରୁ ଏଭଳି ଦୁର୍ଘଟଣା ଘୁଟୁଥିବା ସ୍ଥାନୀୟ ଲୋକେ କହିଛନ୍ତି।

### ମନ୍ଦିରରୁ ୩ଥର ଚୋରି

ଜଟଣୀ,୨୩।୨(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରେଡଙ୍ଗ କଲୋନୀସ୍ଥ ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ଓ ତତ୍‌ସଂଲଗ୍ନ ରଘୁନାଥ ଏବଂ ହନୁମାନ ମନ୍ଦିରରୁ ଚୋରି ହୋଇଥିବା ଜଟଣୀ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ମଙ୍ଗଳବାର ଠାକୁରଙ୍କ ନୀତିକାନ୍ତି ପରେ ମନ୍ଦିରରେ ସବୁଦିନ ପରି ତାଲା ପଡିଥିଲା। ବିଳମ୍ବିତ ରାତିରେ ଚୋରମାନେ ମନ୍ଦିରରେ ପଶି ଭଣ୍ଡାର ଘର ତାଲା ଭାଙ୍ଗି ଠାକୁରଙ୍କ ସମସ୍ତ ଆସବାବପତ୍ର ସହିତ ଠାକୁରଙ୍କ ରୁପା ମୁକୁଟକୁ ଲୁଟି ନେଇଛନ୍ତି। ପିତଳ ବାସନ, ୮ଟି ଘଣ୍ଟି, ୨୦ଟି ପିତଳ ଥାଳିଆ, ୨ଟି ହାତ ଘଣ୍ଟି, ଖଟୁଲି, ୩ଟି ପିତଳ ବାଲ୍ଟି, ଘଣ୍ଟା, ହୋମ ଷ୍ଟାଣ୍ଡ, ଆଳତି ଷ୍ଟାଣ୍ଡ, ୨ଟି ଡଙ୍କି, ତସଲା ଇତ୍ୟାଦି ଚୋରି କରି ନେଇଛନ୍ତି। ସକାଳୁ ପୂଜକ ଆସି ଦେଖିବା ବେଳେ ଚୋରି ହୋଇଥିବା ଜାଣି ଗ୍ରାମବାସୀଙ୍କୁ କହି ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ଜଟଣୀ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରକଶ ଥାଉକି ଉକ୍ତ ମନ୍ଦିରରୁ ଏହା ପୂର୍ବରୁ ଦୁଇଥର ଚୋର ଲୁଟ କରି ଅନେକ ଅଳଙ୍କାର ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା ବେଳେ କୌଣସି ସୁଫଳ ମିଳି ନ ଥିବା ମନ୍ଦିର କମିଟି କହିଛନ୍ତି।

### ଛତୁଆ ମିଶ୍ରଣ ଦିବସ

କୃଷ୍ଣପ୍ରସାଦ,୨୩।୨(ଡି.ଏନ୍.ଏ.): ଶିଶୁ, ଗର୍ଭବତୀ ଓ ପ୍ରସୂତିଙ୍କୁ ଉଚ୍ଚ ଗୁଣମାନର ଛତୁଆ ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରିବା ଲକ୍ଷ୍ୟ ନେଇ ପ୍ରତିମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ଛତୁଆ ମିଶ୍ରଣ ଦିବସ ପାଳନ ହେଉଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ସିଡିପିଓ ମନୋରମା ଦେବୀଙ୍କ ତତ୍ତ୍ୱାବଧାନରେ ଏହି ଦିବସ ପାଳନ ହୋଇଛି। ମା' ହରଚଣ୍ଡୀ ସ୍ୱୟଂ ସହାୟକ ସଂଗଠନ ପକ୍ଷରୁ ସିଆଣ୍ଡିସ୍ଥିତ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ସଂଗଠନର ମହିଳାମାନେ କୋଭିଡ୍ କଟକଣା ଅନୁଯାୟୀ ଛତୁଆ ମିଶ୍ରଣ କରିଥିଲେ। ସଂଘର ସଭାନେତ୍ରୀ ପ୍ରଭାସିନୀ ତରାଇ, ସମ୍ପାଦିକା ସବିତା ପଲାଇଙ୍କ ସମେତ ସମସ୍ତ ସଦସ୍ୟା ଉପସ୍ଥିତ ରହି ଭଜା ଗହମ, ଭଜା ବୁଟ, ଭଜା ବାଦାମ ଆଦି ନିର୍ଦ୍ଧାରିତ ଅନୁପାତରେ ମିଶ୍ରଣ କରିଥିଲେ। ସୁପରଭାଇଜର ଦୀପ୍ତିରାଣୀ ଦଣ୍ଡପାଟ, ରମାମଣି ନାୟକ, ମିଶନ ଶକ୍ତି ଆକାଉଣ୍ଟାଣ୍ଟ ଅମିତାଭ ବିଶ୍ୱାଳଙ୍କ ଉପସ୍ଥିତିରେ ଏହି ଛତୁଆ ମିଶ୍ରଣ ହୋଇଥିଲା। ଏହି ଛତୁଆ କେନ୍ଦ୍ର ୧୦ ପଞ୍ଚାୟତର ୬୩ ଅଙ୍ଗନୱାଡି କେନ୍ଦ୍ରକୁ ଛତୁଆ ଯୋଗାଉଛି।

# ସଦର ଚିକିତ୍ସାଳୟ ବୁଲିଲେ ସିଡିଏମ୍‌ଓ

■ ସ୍ୱଚ୍ଛତା, ଉତ୍ତମ ସେବା ଉପରେ ଗୁରୁତ୍ୱ
■ ରେକର୍ଡପତ୍ର ଯାଞ୍ଚ, ଉନ୍ନୟନ କାର୍ଯ୍ୟ ତଦାରଖ

ଖୋର୍ଦ୍ଧା, ୨୩।୨

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡାକ୍ତର ଆର୍ତ୍ତବନ୍ଧୁ ନାୟକ ବୁଧବାର ଅଚାନକ ସଦର ମହକୁମା ଚିକିତ୍ସାଳୟ ପରିଦର୍ଶନ କରି ସ୍ୱାସ୍ଥ୍ୟସେବା ଅନୁଧ୍ୟାନ କରିଛନ୍ତି। ପ୍ରଥମେ ସେ ବର୍ହିବିଭାଗରେ ପହଞ୍ଚି ଡାକ୍ତରମାନଙ୍କ ସହ ବିଭିନ୍ନ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମୟରେ ଓପିଡିରେ ୩ଜଣ ଡାକ୍ତରଙ୍କ ପରିବର୍ତ୍ତେ ଜଣେ ଡାକ୍ତର ଡ୍ୟୁଟିରେ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ସେଠାରୁ ବିଭିନ୍ନ ଓପିଡି ଏବଂ ଅନ୍ୟ ବିଭାଗକୁ ଯାଇ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହ ରୋଗୀ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ୱାର୍ଡ ପରିସର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ରୋଗୀଙ୍କୁ ଉତ୍ତମ ବ୍ୟବହାର, ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଡାକ୍ତର ଓ କର୍ମଚାରୀଙ୍କୁ ତାଗିଦ୍ କରିଥିଲେ। ଡ୍ୟୁଟି ଏବଂ ରୋଗୀ ସେବାରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସିଡିଏମଓ ନାୟକ କହିଥିଲେ। ପରେ ସେ ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ରେକର୍ଡପତ୍ର ଯାଞ୍ଚ ସହ ମେଡିକାଲ ପରିସରରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ। ମେଡିକାଲରେ ଡ୍ୟୁଟି କରୁଥିବା ସିକ୍ୟୁରିଟି ଗାର୍ଡମାନେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଉତ୍ତମ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି। ମେଡିକାଲରେ ଉତ୍ତମ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦିଆଯିବ ବୋଲି ସେ କହିଥିଲେ। ସିଡିଏମ୍‌ଓଙ୍କ ଗସ୍ତ ସମୟରେ ହସ୍ପିଟାଲ ମ୍ୟାନେଜର ଡା. ବିନାୟକ ପାଣିଗ୍ରାହୀ, ଡା. ସଙ୍ଗୀତା ସ୍ୱାଇଁ, ଡା. ଆଲୋକ ଜ୍ୟୋତି ସାହୁ, ଡା. ବି.ଏନ୍. ପାଢୀ, ଡା. ସରୋଜ ନାୟକ, ଡା. ଶୁଭ୍ରାଂଶୁ କୁମାର ସାହୁ, ଡା.ଶ୍ୟାମାପ୍ରସନ୍ନ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ସିଡିଏମ୍‌ଓ ଡାକ୍ତର ଆର୍ତ୍ତବନ୍ଧୁ ନାୟକ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।


ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସର ପିଆଜ କ୍ଷେତରେ କୃଷି ଶ୍ରମିକମାନେ ଅନାବନା ଘାସ ବାଛିବା ସହ କୋଡ଼ାଖୁସା କରୁଛନ୍ତି।

## ଅଭିଯୁକ୍ତଙ୍କୁ ଗିରଫ ଦାବି କଲା ସାମ୍ବାଦିକ ସଂଘ

### ଖବରଦାତାଙ୍କୁ ଆକ୍ରମଣ ଅଭିଯୋଗ

ବାଣପୁର,୨୩।୨(ଡି.ଏନ୍.ଏ.)

ଗତ ୧୮ତାରିଖ ପଞ୍ଚାୟତ ନିର୍ବାଚନ ସରିବା ପରେ ବାଣପୁର ବ୍ଲକର ବିଭିନ୍ନ ଗ୍ରାମରେ ଦେଖାଦେଇଥିଲା ରାଜନୈତିକ ହିଂସା କାଣ୍ଡ। ଏହାକୁ ନେଇ କେତେଜଣ ବ୍ୟକ୍ତି ଥାନାରେ ପହଞ୍ଚି ଅଭିଯୋଗ ଦେଉଥିବାବେଳେ ଥାନା ପରିସରରେ ୨ ପକ୍ଷ ଭିତରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଖବର ସଂଗ୍ରହ କରିବାକୁ ଯାଇଥିବା ଖବରଦାତା ସନ୍ତୋଷ କୁମାର ମହାନ୍ତି ଗଣ୍ଡଗୋଳର ଫଟୋ ନେଉଥିବାବେଳେ କେତେଜଣ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ ମଧ କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ସାମ୍ବାଦିକ ସଂଘ ପକ୍ଷରୁ ବିରୋଧ କରିଛି। ଏପରିକି ଘଟଣାରେ ସମ୍ପୃକ୍ତ ଆକ୍ରମଣକାରୀଙ୍କୁ ଗିରଫ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ତେବେ ଘଟଣା ଘଟିବାର ୫ଦିନ ବିତିଯାଇଥିଲେ ବି ପୋଲିସ କେବଳ ମାମଲା ରୁଜୁକରି ନୀରବ ସାଜିଥିବାରୁ ସଂଘ ଅସନ୍ତୋଷ ପ୍ରକାଶ କରିଛି। ଏ ନେଇ ସ୍ଥାନୀୟ ଅଞ୍ଚଳର ଖବରଦାତାମାନେ ନିଜର ସୁରକ୍ଷା ଓ ଅଭିଯୁକ୍ତଙ୍କୁ ଧରିବା ନିମନ୍ତେ ବାଣପୁର ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କୁ ଭେଟି ଆଲୋଚନା କରିବା ସହ କଡ଼ା ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

# ଅଲଣ୍ଡା ଗ୍ରାମରେ ସାନି ମତଦାନ

କୃଷ୍ଣପ୍ରସାଦ,୨୩।୨(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଅଲଣ୍ଡା ଗ୍ରାମର ୮ନଂ ବୁଥ୍‌ରେ ବୁଧବାର ସାନି ମତଦାନ ହୋଇଛି। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ତହସିଲଦାର ଉଲ୍ଲାସ କୁମାର ସେଠୀଙ୍କ ଉପସ୍ଥିତିରେ ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ୪ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି। ମୋଟ ୧୭୬ ଭୋଟରଙ୍କ ମଧ୍ୟରୁ ୧୩୧ଜଣ ମତଦାନ କରିଥିବାବେଳେ ଶାନ୍ତିଶୃଙ୍ଖଳା ସହ ମତଦାନ ହୋଇଛି। ସୂଚନାଯୋଗ୍ୟ, ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ବେଳେ ଅଲଣ୍ଡା ଗ୍ରାମରେ ହେଉଥିବା ୪ନଂ. ବୁଥ୍‌କୁ ଟିଛିଣି ଗ୍ରାମର ଭୋଟର ଯାଉଥିଲେ। ହେଲେ ସେମାନଙ୍କୁ ଅଲଣ୍ଡା ଗ୍ରାମବାସୀ ବାରଣ ସହ ଆକ୍ରମଣ କରିଥିଲେ। ୪ ନମ୍ବର ବୁଥ୍‌ରେ ଗଣ୍ଡଗୋଳ ହୋଇଥିବା ବେଳେ ନିକଟରେ ଥିବା ୮ ନମ୍ବର ବୁଥ୍‌ରୁ ଭୋଟ ବାକ୍ସକୁ ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ଏ ନେଇ ବିଡିଓ ନିର୍ବାଚନ କମିଶନକୁ ଜଣାଇବା ପରେ ସାନି ମତଦାନ ପାଇଁ କହିଥିଲେ। କଡ଼ା ସୁରକ୍ଷା ବଳୟ ମଧ୍ୟରେ ବିଡିଓ ମନୋଜ କୁମାର ନାୟକ, ତହସିଲଦାର ଉଲ୍ଲାସ କୁମାର ସେଠୀ, ଆଇଆଇସି ଦିଲୀପ ସ୍ୱାଇଁଙ୍କ ନେତୃତ୍ୱରେ ବାଲଟ ବାକ୍ସକୁ ଆଣି ବ୍ଲକର ଏକ ନୂତନ ଗୃହରେ ଷ୍ଟ୍ରଙ୍ଗରୁମ୍‌ରେ ସିଲ୍ କରି ରଖାଯାଇଛି ।


@ ଅମନ


@ ବିଜୟ


@ ସିଦ୍ଧେଶ୍ୱର


@ ସୂର୍ଯ୍ୟକାନ୍ତ


@ ବର୍ଷା


@ ସରୋଜ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

# ଦିବ୍ୟାଙ୍ଗଙ୍କ ପାଇଁ ର୍‌ୟାମ୍ପ ବ୍ୟବସ୍ଥା ନାହିଁ, ଯାତ୍ରୀ ହୀନସ୍ତା

## ନିରାକାରପୁର ରେଳଷ୍ଟେଶନ

ନିରାକାରପୁର,୨୩।୨(ଡି.ଏନ୍.ଏ.)

ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ନିରାକାରପୁର ଷ୍ଟେଶନର ଉନ୍ନତୀକରଣ କାର୍ଯ୍ୟ ବିଭାଗ ତରଫରୁ ଚାଲୁରହିଛି। ହେଲେ ଦିବ୍ୟାଙ୍ଗ ଓ ଅସୁସ୍ଥ ଯାତ୍ରୀଙ୍କ ପାଇଁ ଷ୍ଟେଶନ ଭିତରେ ଗୋଟିଏ ପ୍ଲାଟଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ ଯିବା ପାଇଁ ର୍‌ୟାମ୍ପ ବ୍ୟବସ୍ଥା ନାହିଁ। ଫଳରେ ଏହି ଷ୍ଟେଶନରେ ଦୁଇ ଏବଂ ତିନି ନଂ. ପ୍ଲାଟ୍ ଫର୍ମକୁ ହୁଇଲ ଚେୟାରରେ ଦିବ୍ୟାଙ୍ଗ ଓ ଅସୁସ୍ଥ ବ୍ୟକ୍ତିମାନଙ୍କୁ ନେବା ଆଣିବାରେ ପରିବାର ଲୋକେ ନାନା ହଇରାଣର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏପରି କି ଷ୍ଟେଶନ ବାହାରେ ଦିବ୍ୟାଙ୍ଗଙ୍କ ପାଇଁ ହୁଇଲ ଚେୟାର ଏବଂ ମୋଟର ଗାଡି ପାର୍କିଂ ପାଇଁ ବ୍ୟବସ୍ଥା ଥିବାବେଳେ ଭିତରେ ର୍‌ୟାମ୍ପ ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏହିଭଳି ଏକ ଘଟଣା ଗତ ୯ ତାରିଖ ସକାଳେ ରାଉରକେଲାରୁ ଜଣେ ଦମ୍ପତି ରାଜ୍ୟରାଣୀ ଏକ୍ସପ୍ରେସରୁ ନିରାକାରପୁର ଷ୍ଟେଶନର ୩ନମ୍ବର ପ୍ଲାଟଫର୍ମରେ ଓହ୍ଲାଇଥିଲେ। ଦମ୍ପତିଙ୍କ ମଧ୍ୟରେ ମହିଳା ଜଣଙ୍କ ଘୋର ଅସୁସ୍ଥତା ହେତୁ ଚାଲିପାରୁ ନ ଥିବାରୁ ତାଙ୍କୁ ହୁଇଲଚେୟାର ଯୋଗେ ବାହାରକୁ ଆଣିବା ପାଇଁ ଚାରିଜଣ ବ୍ୟକ୍ତି ନୟାନ୍ତ ହୋଇଯାଇଥିଲେ। ଗୋଟିଏ ପ୍ଲାଟଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ କିମ୍ବା ବାହାରକୁ ନେବା ପାଇଁ ର୍‌ୟାମ୍ପ କି ହୁଇଲଚେୟାର ନିମନ୍ତେ କଂକ୍ରିଟରାସ୍ତା ନ ଥିଲା। ତେଣୁ ୪ ଜଣ ବ୍ୟକ୍ତି ୩ନମ୍ବର ପ୍ଲାଟଫର୍ମର ଶେଷ ଭାଗରେ ସମ୍ପୃକ୍ତ ମହିଳାଙ୍କୁ ହୁଇଲ ଚେୟାରରେ ବସାଇ ବିପଦପୂର୍ଣ୍ଣ ସ୍ଥିତିରେ ଉଠାଇ ରେଳ ଧାରଣା ପାରକରି ବାହରକୁ ଆଣିଥିଲେ। ଏ ନେଇ ଅସୁବିଧାର ଶିକାର ହୋଇଥିବା ମନୋଜ ନାୟକ ବୁଧବାର ନିରାକାରପୁର ଷ୍ଟେଶନକୁ ଆସି ଷ୍ଟେଶନ ପରିଚାଳକଙ୍କୁ ଅଭିଯୋଗ କରିଛନ୍ତି। ଖୋର୍ଦ୍ଧା ରୋଡ୍‌ଠାରୁ ବାଲୁଗାଁ ମଧ୍ୟରେ ଏହା ପ୍ରମୁଖ ଷ୍ଟେଶନ ହୋଇଥିବା ବେଳେ ଏଠାରେ ଦିବ୍ୟାଙ୍ଗ ଓ ଅସୁସ୍ଥ ବ୍ୟକ୍ତିଙ୍କ ନିମନ୍ତେ ଉକ୍ତ ବ୍ୟବସ୍ଥା ନ ଥିବାରୁ ଅନେକ ସମୟରେ ଏହି ଦମ୍ପତିଙ୍କ ଭଳି ଅନେକ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବିଭଗୀୟ କର୍ତ୍ତୃପକ୍ଷଙ୍କୁ ଏହା ଉପରେ ଦୃଷ୍ଟି ଦେବାପାଇଁ ଦାବି ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ଷ୍ଟେଶନ ପରିଚାଳକ ସୁଜିତ ବସାୟତ କହିଛନ୍ତି, ଏହି ଷ୍ଟେଶନରେ ଦିବ୍ୟାଙ୍ଗ ଓ ଅସୁସ୍ଥ ଯାତ୍ରୀଙ୍କ ପାଇଁ କେବଳ ହୁଇଲ ଚେୟାର ଅଛି, ଯାହା ସେମାନଙ୍କ ସହ ଆସିଥିବା ଲୋକ ହିଁ ବ୍ୟବହାର କରିପାରିବେ। କିନ୍ତୁ ର୍‌ୟାମ୍ପ ଓ ପାସ୍‌ୱେ କରିବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛୁ। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରିବା ପାଇଁ ବନ୍ଦୋବସ୍ତ ଚାଲିଛି ବୋଲି ସେ ସୂଚନା ଦେଇଛନ୍ତି।


ନିରାକାରପୁର ରେଳଷ୍ଟେଶନ ଭିତରେ ଦିବ୍ୟାଙ୍ଗଙ୍କ ପାଇଁ ର୍‌ୟାମ୍ପ ବ୍ୟବସ୍ଥା ନାହିଁ।

# ଖଣ୍ଡକାବ୍ୟ 'ପଞ୍ଚସତୀ ଓ ଅନ୍ୟମାନେ' ଲୋକାର୍ପିତ

ଭୁବନେଶ୍ୱର,୨୩।୨(ବ୍ୟୁରୋ)

ଚଲାପଥ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଖଣ୍ଡକାବ୍ୟ 'ପଞ୍ଚସତୀ ଓ ଅନ୍ୟମାନେ' ଲୋକାର୍ପିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ ଏହାର ମୁଖବନ୍ଧ ଲେଖିଛନ୍ତି। ଓଡ଼ିଶା ସାମ୍ବାଦିକ ଭବନଠାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ କହିଛନ୍ତି, ଏପରି ଖଣ୍ଡକାବ୍ୟମାନ ଲେଖାଯିବାର ଆବଶ୍ୟକତା ବହୁତ ରହିଛି। ମୁଖ୍ୟବକ୍ତା ଭାବେ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ବିଜୟ ନାୟକ, ସମ୍ମାନିତ ଅତିଥି ଭାବେ ଯୁଗଶ୍ରୀ ଯୁଗନାରୀର ସମ୍ପାଦିକା ମମତା ମହାପାତ୍ର , କବି ତଥା ସାମ୍ବାଦିକ ପ୍ରମୋଦ କୁମାର ଏବଂ ରମାଦେବୀ ମହିଳା ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜ ଯୋଗଦେଇ ପୁସ୍ତକର ନୂତନତ୍ୱ, ଲେଖା ଶୈଳୀ ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଅର୍ଥ କମିଶନର ରବି ନାରାୟଣ ସେନାପତି ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଶିଷ୍ଟ ଅତିଥି ଇସ୍ରୋର ଅବସରପ୍ରାପ୍ତ ବୈଜ୍ଞାନିକ ତଥା ପ୍ରବାସୀ ସାହିତ୍ୟ ସଂସଦ ବାଙ୍ଗାଲୋରର ସଭାପତି ଡ. କାର୍ତ୍ତିକ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଣେ ବୈଜ୍ଞାନିକ ହୋଇ ଅବସର ପରେ ଓଡିଆରେ ଏମ୍‌ଏ କରି ପ୍ରାୟ ୪୫ ଖଣ୍ଡ ବିଜ୍ଞାନ ଓ ଅନ୍ୟାନ୍ୟ ପୁସ୍ତକ ରଚନା କରି ଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ସଭା ସଞ୍ଚାଳନା କରିଥିଲେ। ଚଲାପଥର ସମ୍ପାଦକ ହଳଧର ଧୀର, ମାନବ ଅଧ୍ୟୟନ କେନ୍ଦ୍ରର ସଭାପତି ଡ.ହରପ୍ରସନ୍ନ ଦାସ, ସଂଯୋଗର ସମ୍ପାଦକ ରାଜକୁମାର ସୂତାର, କବି ଦୁର୍ଗା ଷଡ଼ଙ୍ଗୀ, ସାହିତ୍ୟ ଚର୍ଚ୍ଚାର ସମ୍ପାଦକ ନିହାର ଶତପଥୀ, ନୀଳଶୈଳର ରଜନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।


ପୁରୀର ନୂଆସାହି ସେଭେନ୍ ଷ୍ଟାର୍ କ୍ଲବ୍ ପକ୍ଷରୁ ଆୟୋଜିତ ପ୍ରଥମ ନାଗେଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ହୋଇଥିବା ଚାମ୍ପିୟନ ଦଳ ନୋକାଲାମା ଟିମ୍‌ର ଖେଳାଳିମାନେ।


ଉତ୍କଳ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ବୁଧବାର ଅନୁଷ୍ଠିତ 'ଗଣମାଧମର ଆମ୍ ବିଶ୍ଳେଷଣ ଓ ଲିଙ୍ଗଗତ ସାମ୍ୟତା' ଶୀର୍ଷକ କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।


ଓଡ଼ିଶା ସାମ୍ବାଦିକ ଭବନରେ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଖଣ୍ଡକାବ୍ୟ 'ପଞ୍ଚସତୀ ଓ ଅନ୍ୟମାନେ'ର ଲୋକାର୍ପଣ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ଅନ୍ୟମାନେ।

**୨ ଆର୍‌ଆଇ କାର୍ଯ୍ୟାଳୟରୁ ଚୋରି: ୨ ଅଟକ**

ସାକ୍ଷୀଗୋପାଳ, (ଡି.ଏନ୍‌.ଏ.): ସତ୍ୟବାଦୀ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କ କାର୍ଯ୍ୟାଳୟରୁ ପ୍ରାୟ ୫ଶହ ଟଙ୍କା ଓ ସଦାନନ୍ଦପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ୨ଟି ସିଲିଂ ଫ୍ୟାନ୍ ଓ ଏକ ଟେବୁଲ ଫ୍ୟାନ୍ ମଙ୍ଗଳବାର ରାତିରେ ଚୋରି ହୋଇଛି। ସତ୍ୟବାଦୀ ଥାନାରେ ଅଭିଯୋଗ ପରେ ଆରକ୍ଷୀ ନିରୀକ୍ଷକ ଦିଲ୍ଲୀପ ଧଳ ସାଇଣ୍ଟିଫିକ୍ ଟିମ୍ ସହିତ ତଦନ୍ତ କରୁଛନ୍ତି। ପୋଲିସ ୩ ଫ୍ୟାନ୍ ଜବତ କରିବା ସହ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହି ଚୋରି ସମ୍ପର୍କରେ ତହସିଲଦାର ଜୟନ୍ତ କୁମାର ଜୟ ସିଂ ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ବୁଧବାର ସଦାନନ୍ଦପୁର ଆର୍‌ଆଇ ରଜତ ନାୟକ ଓ ସତ୍ୟବାଦୀ ଆର୍‌ଆଇ ଶ୍ୟାମ ସୁନ୍ଦର ପୃଷ୍ଟି କାର୍ଯ୍ୟାଳୟକୁ ଆସିବା ପରେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୨।୨୦୨୨

| | |
|---|---|
| ୩,୮୩,୪୬୪ ଟଙ୍କା | |
| ସୁନା | ୨୬.୯୦୦ ଗ୍ରାମ |
| ରୁପା | ୨୪.୪୦୦ ଗ୍ରାମ |

# ୫ ବୁଥ୍‌ରେ ସାନି ମତଦାନ

ପୁରୀ ଅଫିସ/କଣାସ/ବ୍ରହ୍ମଗିରି, ୨୩।୨ (ସ୍ୱ.ପ୍ର./ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଅବସରରେ ବିଭିନ୍ନ କାରଣରୁ ପୁରୀ ଜିଲାର ୫ ବୁଥ୍‌ରେ ମତଦାନ ବାଧାପ୍ରାପ୍ତ ହୋଇଥିଲା। ସମ୍ପୃକ୍ତ ବୁଥ୍‌ଗୁଡ଼ିକରେ ବୁଧବାର ସାନି ମତଦାନ ଅନୁଷ୍ଠିତ ହୋଇଛି। କଣାସ ବ୍ଲକର ବଡାଲ ପଞ୍ଚାୟତର ୱାର୍ଡ ନଂ.୫, ୭ ଏବଂ ୮, ବ୍ରହ୍ମଗିରି ଚାପାମାଣିକ ପଞ୍ଚାୟତର ୱାର୍ଡ ନଂ. ୯ ଏବଂ କୃଷ୍ଣପ୍ରସାଦ ଅଲଣ୍ଡା ପଞ୍ଚାୟତର ୱାର୍ଡ ନଂ ୮ରେ ସାନି ମତଦାନ ସରିଛି। ସକାଳ ୯ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପୁନଃ ମତଦାନ ହୋଇଥିଲା। ମତଦାନ ଶାନ୍ତିପୂର୍ଣ୍ଣ ରହିଥିଲା। କଣାସ ବ୍ଲକ ବଡାଲ ପଞ୍ଚାୟତର ୱାର୍ଡ ନଂ. ୫, ୭ ଓ ୮ରେ ୭୬ ପ୍ରତିଶତ, ଚାପାମାଣିକ ପଞ୍ଚାୟତର ୱାର୍ଡ ନଂ. ୯ ରେ ୯୧ ପ୍ରତିଶତ ଏବଂ କୃଷ୍ଣପ୍ରସାଦ ଅଲଣ୍ଡା ପଞ୍ଚାୟତର ୱାର୍ଡ ନଂ. ୮ରେ ୭୪.୪ ପ୍ରତିଶତ ମତଦାନ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କଣାସ ବ୍ଲକର ମତଦାନ ହୋଇଥିବା ୩ଟି ବୁଥର ମୋଟ ଭୋଟର ସଂଖ୍ୟା ୧୨୪୧ ହୋଇଥିବା ବେଳେ ୯୪୩ଜଣ ମତଦାନ କରିଥିଲେ। ଏସ୍‌ପି ଡ.କନୱ୍ୱର ବିଶାଲ ସିଂ ମତଦାନ କେନ୍ଦ୍ର ପରିଦର୍ଶନ କରିଥିଲେ। ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ଗଡିଶାଗୋଦା ଥାନାଧିକାରୀ ନାରାୟଣ ଚନ୍ଦ୍ର ଲେଙ୍କା, କଣାସ ଥାନାଧିକାରୀ ସୁଜିତ ଦାସ, ତାଳବଣିଆ ଥାନାଧିକାରିଣୀ ସଙ୍ଗୀତା ବେହେରାଙ୍କ ସମେତ ୨ ପ୍ଲାଟୁନ ଫୋର୍ସ ଉପସ୍ଥିତ ଥିଲେ। ସେହିପରି ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଚାପମାଣିକ ପଞ୍ଚାୟତର କାଶିଝରିଆ ୯ ନଂ ୱାର୍ଡରେ ୧୫୬ଜଣ ଭୋଟରଙ୍କ ମଧ୍ୟରୁ ୧୪୨ଜଣ ମତଦାନ କରିଛନ୍ତି। ଉକ୍ତ ବୁଥରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହିତ ଦୁଇଜଣ ଅଫିସର ନିୟୋଜିତ ହୋଇଥିଲେ। ଭୋଟବାକ୍ସଗୁଡ଼ିକୁ ବିଡିଓ, ଥାନାଧିକାରୀ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ସିଲ୍ କରାଯାଇ ଷ୍ଟ୍ରଙ୍ଗରୁମ୍‌ରେ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ମତଦାନ କେନ୍ଦ୍ରଗୁଡ଼ିକରେ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



କଣାସ ବ୍ଲକ ଅଡ଼ାଲ ପ୍ରାଥମିକ ବିଦ୍ୟାଳୟ ବୁଥ୍‌ରେ ମତଦାନ ପାଇଁ ଲୋକଙ୍କ ଧାଡ଼ି।

## ସଂକ୍ଷେପରେ

### ଅଟୋରିକ୍ସା-କାର୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

**ଗୋପ, ୨୩।୨(ଡିଏନଏ):** ଗୋପ-କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟରେ ବୁଧବାର ଏକ ଅଟୋରିକ୍ସା ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବନ୍ଦିତା ବେହେରା, ତାଙ୍କ ଭାଇ ପ୍ରଦୀପ ବେହେରା ଏବଂ ଅଟୋ ଚାଳକ ନିରଞ୍ଜନ ସ୍ୱାଇଁ। ବନ୍ଦିତା ନିଜ ଭଉଣୀ ବାହାଘରରେ ଯୋଗଦେଇ ଶାଶୁ ଘରକୁ ଫେରୁଥିଲେ। ତାଙ୍କ ଶାଶୁଘର କୋଣାର୍କ ଥାନା ଅଧୀନ ବାଲିଗୋଠ ଗ୍ରାମରେ ହୋଇଥିବାବେଳେ ପ୍ରଦୀପ ଓ ନିରଞ୍ଜନଙ୍କ ଘର ଗୋପ ଥାନା ଅଧୀନ ନହିରାଶାସନ ବୋଲି ଜଣାପଡିଛି। ଗୋପ ଡାକ୍ତରଖାନାର ଡାକ୍ତର ଗୋପକୃଷ୍ଣ ପଟ୍ଟନାୟକ କହିଛନ୍ତି, ଆହତମାନଙ୍କୁ ପ୍ରଥମେ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଅଟୋରିକ୍ସା ଓ କାର୍‌କୁ ଜବତ କରି ତଦନ୍ତ ଚଳାଇଛି। ଅକାଶ ଯେ, ବନ୍ଦିତା ମାସେ ତଳେ ସାନ ଭଉଣୀ ବାହାଘର ପାଇଁ ବାପଘରକୁ ଆସିଥିଲେ। ବିବାହ ପରେ ବୁଧବାର ବନ୍ଦିତାଙ୍କୁ ଭାଇ ପ୍ରଦୀପ ଅଟୋରିକ୍ସାରେ ତାଙ୍କ ଶାଶୁଘର ଛାଡିବାକୁ ଯାଉଥିଲେ। ବେଗୁନିଆ ଛକ ନିକଟରେ ଅପରପାର୍ଶ୍ୱରୁ ଆସୁଥିବା କାର୍ ସହ ଅଟୋରିକ୍ସା ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ଗୋପ ଅଗ୍ନିଶମ ବିଭାଗର ସୁକାନ୍ତ କୁମାର ଜେନାଙ୍କ ସହିତ ଅନ୍ୟ କର୍ମଚାରୀମାନେ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ନାଗେଶ ମେମୋରିଆଲ କ୍ରିକେଟ: ନୋକାଲାମା ଚାମ୍ପିୟନ

**ପୁରୀ ଅଫିସ, ୨୩।୨:** ନୂଆସାହି ସେଭେନ୍ ଷ୍ଟାର କ୍ଲବ୍ ପକ୍ଷରୁ ଆୟୋଜିତ ପ୍ରଥମ ନାଗେଶ ମେମୋରିଆଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ନୋକାଲାମା ଓ ଉତ୍ପ୍ତି ଫାଉଣ୍ଡେଶନ ହାଇସ୍କୁଲ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନୋକାଲାମା ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ କରିଥିଲା। ଉତ୍ପ୍ତି ଫାଉଣ୍ଡେଶନ ଟିମ୍ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୫ ରନ୍ କରି ହାରିଯାଇଥିଲା। ନୋକାଲାମା ଟିମ୍ ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ଲୋକେଶ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ମ୍ୟାନ ଅଫ ଦି ସିରିଜ୍ ପୁରସ୍କାର ପାଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୦ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୪,୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ୮ଟି ଦଳ ଭାଗନେଇ ଥିଲେ। ଶିଳ୍ପପତି ନାଗେଶ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶଙ୍କର ଓ ସତ୍ୟମ ମ୍ୟାଚ୍ ପରିଚାଳନା କରିଥିଲେ।



ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସର ପିଆଜ କ୍ଷେତରେ କୃଷି ଶ୍ରମିକମାନେ ଅନାବନା ଘାସ ବାଛିବା ସହ କୋଡ଼ାଖୋସା କରୁଛନ୍ତି।

## ପାଳି କରି ପ୍ରାର୍ଥୀ ଜଗୁଛନ୍ତି ଷ୍ଟ୍ରଙ୍ଗ୍‌ରୁମ୍

ଗୋପ,୨୩।୨(ଡି.ଏନ୍‌.ଏ)

ଗୋପ ବ୍ଲକ ଅଞ୍ଚଳର ନିଗମାନନ୍ଦ ସ୍ମାର୍ଟ ସ୍କୁଲରେ ରହିଥିବା ଷ୍ଟ୍ରଙ୍ଗ୍‌ରୁମ୍‌କୁ ସ୍ଥାନୀୟ ପ୍ରାର୍ଥୀମାନେ ପାଳି କରି ଜଗୁଥିବା ଦେଖିବାକୁ ମିଳିଛି। ନିର୍ବାଚନ ସମୟରେ ଷ୍ଟ୍ରଙ୍ଗରୁମରେ ବିଭିନ୍ନ ଜାଗାରେ ନାନା ଘଟଣା ଘଟୁଛି। ଏଠି ବି ସେଭଳି କିଛି ଯେପରି ଅଘଟଣ ନହୁଏ, ସେଥିପାଇଁ ରାତି ଅନିଦ୍ରା ହୋଇ ପାଳିକରି ଭୋଟ ବାକ୍ସ ରହିଥିବା ଷ୍ଟ୍ରଙ୍ଗରୁମକୁ ଜଗିଛୁ ବୋଲି ପଞ୍ଚାୟତ ନିର୍ବାଚନ ଲଢିଥିବା ପ୍ରାର୍ଥୀମାନେ କହିଛନ୍ତି। ପ୍ରକାଶ ଯେ, ପଞ୍ଚାୟତ ନିର୍ବାଚନ ଦ୍ୱିତୀୟ ପର୍ଯ୍ୟାୟରେ ଗୋପ ବ୍ଲକର ୩୧ଟି ପଞ୍ଚାୟତରେ ମତଦାନ ସରିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ୪୫୯ଟି ବୁଥ କରାଯାଇଥିବା ବେଳେ ବ୍ଲକ ଅଧୀନରେ ରହିଥିବା ୧୧, ୧୨, ୧୩, ୧୪ ଜିଲା ପରିଷଦ ଜୋନରେ ୧୩ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ୩୧ଟି ପଞ୍ଚାୟତ ପାଇଁ ୧୦୧ ଜଣ ସରପଞ୍ଚ ପ୍ରାର୍ଥୀ, ୧୦୩ ଜଣ ସମିତି ସଭ୍ୟ ପ୍ରାର୍ଥୀ ଓ ୮୨୨ ଜଣ ୱାର୍ଡ ସଭ୍ୟାସଭ୍ୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ।

ବ୍ଲକ ପ୍ରଶାସନ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବରେ ମତଦାନ ସରିବା ପରେ ସମସ୍ତ ବୁଥରୁ କଡ଼ା ସୁରକ୍ଷା ମଧ୍ୟରେ ଭୋଟ ବାକ୍ସଗୁଡିକୁ ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଥିଲା। ମାତ୍ର ଏହି ଷ୍ଟ୍ରଙ୍ଗରୁମରେ ଲାଇଟ ନ ହେବା ନେଇ ଅଭିଯୋଗ ଆସିବା ସହ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବାକୁ ଦାବି କରାଯାଇଥିଲା। ଏପରି ଅଭିଯୋଗ ଆସିବା ପରେ ବିଡିଓ ଦୀପ୍ତିରାଣୀ ଦାସ, ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ା ଷ୍ଟ୍ରଙ୍ଗ ରୁମ ପରିଦର୍ଶନ କରି ଆହୁରି ଅଧିକ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଥିଲେ। କିନ୍ତୁ ଭୋଟ ବାକ୍ସ ଭିତରେ ପ୍ରାର୍ଥୀମାନଙ୍କ ଭାଗ୍ୟ ରହିଥିବାରୁ ଏବେ ପ୍ରାର୍ଥୀମାନେ ପାଳି କରି ସରକାରୀ ନିୟମ ମୁତାବକ ଜଗି ରହୁଛନ୍ତି। ଏହି ଅଭିଯୋଗ ଉପରେ ବିଡିଓ ଦାସ କହିଛନ୍ତି, ଷ୍ଟ୍ରଙ୍ଗ୍‌ରୁମ୍‌କୁ ସୁରକ୍ଷା ବ୍ୟବସ୍ଥା ଭିତରେ ରଖାଯାଇଛି। ନିୟମ ଅନୁସାରେ ସବୁ ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ହେଲେ କିଏ କାହିଁକି ଜଗିଛନ୍ତି ମୁଁ ସେ ସମ୍ପର୍କ ମତାମତ ଦେଇ ପାରିବେ ନାହିଁ ବୋଲି କହିଥିଲେ।

## ବାଲଟ ପେପରରେ 'ଚାକିରି ନାହିଁ ତ ଭୋଟ ନାହିଁ'

ପୁରୀ ଅଫିସ,୨୩।୨

ରାଜ୍ୟରେ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ବା ରୋଜଗାର ମୁଖ୍ୟ ପ୍ରସଙ୍ଗ ହୋଇଥିବାବେଳେ ସମ୍ପ୍ରତି ଚାଲିଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ମତଦାନରେ ଏହା ପ୍ରତିଫଳିତ ହୋଇଛି। ପୁରୀ ଜିଲାର ଡେଲାଙ୍ଗ ଓ ପିପିଲି ବ୍ଲକ୍‌ରେ ଗତ ୨୨ ତାରିଖରେ ମତଦାନ ସରିଥିବାବେଳେ ଏକ ବାଲଟ ପେପରରେ 'ଚାକିରି ନାହିଁ ତ ଭୋଟ ନାହିଁ' ଲେଖାଯାଇଥିବା ସାମାଜିକ ଗଣମାଧ୍ୟମରୁ ଦେଖିବାକୁ ମିଳିଛି। ବାଲଟ୍ ପେପରରେ କିଛି ଲେଖିବା ଦ୍ୱାରା ଭୋଟ ନାକଚ ହୋଇଥାଏ। ଏହା ଜାଣି ମଧ୍ୟ ନିଯୁକ୍ତି ଆଶାୟୀ ଯୁବକ ତାଙ୍କ ବାର୍ତ୍ତା ସରକାରଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏଭଳି କରୁଥିବା କୁହାଯାଉଛି। କେହି ମତଦାତା ଭୋଟ ଦେବା ପରେ ସମ୍ପୃକ୍ତ ବାଲଟ୍‌ପେପରର ଫଟୋ ଉଠାଇ ଆଣି ସାମାଜିକ ଗଣମାଧ୍ୟମରେ ଅପଲୋଡ୍ କରିଛନ୍ତି। ଫଳରେ ଏଭଳି ଘଟଣା ସାମ୍ନାକୁ ଆସିଛି। ପୁରୀ ଜିଲାର କିଛି ବୁଥ୍‌ରେ ଅଳ୍ପସଂଖ୍ୟକ ଭୋଟର ଏଭଳି କରିଥିବା ଚର୍ଚ୍ଚା ହେଉଛି। ତେଣୁ କିଛି ଭୋଟ୍ ନାକଚ ହୋଇପାରେ। ବାଲଟ୍‌ରେ ନୋଟା ଭଳି ବିକଳ୍ପ ରହିବା ସତ୍ତ୍ୱେ ଯୁବତୀ ଯୁବକ ଏଭଳି ଢଙ୍ଗରେ ନିଜ ବାର୍ତ୍ତା ପହଞ୍ଚାଇବାକୁ ବିକଳ୍ପ ଭାବେ ବାଛିଛନ୍ତି। ତେବେ ଭୋଟରଙ୍କ ଏଭଳି ଆଭିମୁଖ୍ୟକୁ ଉଭୟ ପ୍ରଶଂସା ଓ ସମାଲୋଚନା କରାଯାଉଛି। କେହି ଏହାକୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ସ୍ୱାଧୀନ ମତ ଉପସ୍ଥାପନର ଏକ ଭିନ୍ନ ବିକଳ୍ପ ଭାବେ ବିବେଚନା କରୁଥିବାବେଳେ ଅନ୍ୟ କେହି ମତ ରଖିବାର ଏହା ଠିକ୍ ମାଧ୍ୟମ ନୁହେଁ ବୋଲି କହୁଛନ୍ତି।




## ଆଜି ମତଦାନ କରିବେ ୭୩ ହଜାର ୬୨୦ ଭୋଟର

ଅସ୍ତରଙ୍ଗ, ୨୩।୨(ସ୍ୱ.ପ୍ର.)

ଅସ୍ତରଙ୍ଗ ବ୍ଲକରେ ପଞ୍ଚାୟତ ନିର୍ବାଚନର ପଞ୍ଚମ ତଥା ଶେଷ ପର୍ଯ୍ୟାୟ ମତଦାନ ଗୁରୁବାର ଅନୁଷ୍ଠିତ ହେବ। ୨ଟି ଜୋନ୍‌ର ୧୫ ପଞ୍ଚାୟତରେ ୨୩୦ ବୁଥ୍‌ରେ ୫୩୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ପଞ୍ଚାୟତରେ ୩୫ ହଜାର ୫ ଶହ ୬୦ ମହିଳା, ୩୮ ହଜାର ୬୦ ପୁରୁଷ ମତଦାନ କରିବେ। ଭୋଟ ଗ୍ରହଣ ପାଇଁ ବୁଥ୍‌ରେ ୯୨୦ ପୋଲିଂ କର୍ମଚାରୀଙ୍କୁ ନିଯୁକ୍ତି କରାଯାଇଛି। କେନ୍ଦ୍ରଗୁଡିକର ତଦାରଖ ପାଇଁ ୨୧ ସେକ୍ଟର ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ୫୩୧ ପ୍ରାର୍ଥୀଙ୍କ ମଧ୍ୟରୁ ୬ ଜିଲା ପରିଷଦ ପ୍ରାର୍ଥୀ, ୪୭ ସମିତି ସଭ୍ୟ, ୪୮ ସରପଞ୍ଚ ଓ ୪୩୦ ୱାର୍ଡ ସଭ୍ୟ ପ୍ରାର୍ଥୀ ରହିଛନ୍ତି। ନିମାପଡା ଏସ୍‌ଡିପିଓ ଦେବାଶିଷ ମିଶ୍ର, ଅସ୍ତରଙ୍ଗ ଥାନା ଅଧିକାରୀ ବାମଦେବ ନନ୍ଦଙ୍କ ସମେତ ୧୬ଜଣ ଏସ୍‌ଆଇ ଏବଂ ୧ ପ୍ଲାଟୁନ୍ ଫୋର୍ସ ମୁତୟନ ରହିଛନ୍ତି। ସମସ୍ତ କେନ୍ଦ୍ରରେ ପୋଲିଂ ପାର୍ଟି ପହଞ୍ଚି ସାରିଥିବା ବିଡିଓ ସିଦ୍ଧାର୍ଥ ସ୍ୱାଇଁ ସୂଚନା ଦେଇଛନ୍ତି।

## ଭୋଟ ଗଣତି ପାଇଁ କର୍ମଚାରୀଙ୍କୁ ତାଲିମ

ସାକ୍ଷୀଗୋପାଳ, ୨୩।୨(ଡି.ଏନ୍‌.ଏ.)

ପଞ୍ଚାୟତ ନିର୍ବାଚନ ଫଳାଫଳ ଘୋଷଣା ନିମନ୍ତେ ଆଗାମୀ ୨୬, ୨୭ ଓ ୨୮ ତାରିଖରେ ଭୋଟ ଗଣତି ହେବ। ଏଥିରେ ନିୟୋଜିତ ହେବାକୁ ଥିବା ୫୨ଜଣ କର୍ମଚାରୀଙ୍କୁ ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ତାଲିମ ପ୍ରଦାନ କରାଯାଇଛି। ସେମାନଙ୍କୁ ଭିଡିଓ ଚିତ୍ର ମାଧ୍ୟମରେ ଭୋଟ ଗଣତି ପ୍ରଣାଳୀ ଓ ନିୟମ ସମ୍ପର୍କରେ ବିଡିଓ ତଥା ନିର୍ବାଚନ ଅଧିକାରୀ କ୍ଷୀରୋଦ ବେହେରା ସୂଚନା ଦେଇଥିଲେ। ସତ୍ୟବାଦୀ ବ୍ଲକର ୩୧, ୩୨ ଓ ୩୩ ନଂ. ଜିଲା ପରିଷଦ ଜୋନ୍‌ର ଭୋଟ ଗଣତି ପୃଥକ୍ ପୃଥକ୍ ଭାବେ ସକାଳ ୭ଟାରୁ ଆରମ୍ଭ ହେବ। ସମୁଦାୟ ୯ଟି ଟେବୁଲରେ ୪ଜଣ ଲେଖାଏଁ କର୍ମଚାରୀ ଗଣନା କରିବେ। ଗଣନା କେନ୍ଦ୍ରକୁ ମୋବାଇଲ, ପାଣି ବୋତଲ, କାଗଜ, କଲମ ଆଦି ଜିନିଷ ନିଷେଧ କରାଯାଇଛି। ସାକ୍ଷୀଗୋପାଳ କଲେଜରେ କରାଯାଇଥିବା କଣ୍ଟ୍ରୋଲରୁମ୍‌ରେ ଗଣତି ସମୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ସତ୍ୟବାଦୀ ଥାନା ଆଇଆଇସି ଦିଲିପ କୁମାର ଧଳ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅମନ



@ ବିଜୟ



@ ସିଦ୍ଧେଶ୍ୱର



@ ସୂର୍ଯ୍ୟକାନ୍ତ



@ ବର୍ଷା



@ ସରୋଜ

## ଅଭିଯୁକ୍ତଙ୍କୁ ୬ ବର୍ଷ ଜେଲ୍

### ନାବାଳିକା ଅସଦାଚରଣ ମାମଲା

ପୁରୀ ଅଫିସ, ୨୩।୨

ନାବାଳିକା ଅସଦାଚରଣ ମାମଲାରେ ଅଭିଯୁକ୍ତ ଆଜାଦ ଖାନ୍‌ଙ୍କୁ ବୁଧବାର ପୁରୀ ଜିଲା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ୬ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ଆଜାଦଙ୍କ ବିରୋଧରେ ଆଇପିସି ଧାରା ୪୫୨, ୨୯୪, ୫୦୬, ୩୪ ବି ଏବଂ ପୋକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ଅତିରିକ୍ତ ଜିଲାଜଜ୍ ନିରଞ୍ଜନ ଜେନା ଏହି ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଆଇପିସି ଧାରା ୩୪୧ରେ ଏକ ମାସ, ଧାରା ୪୫୨ରେ ୨ବର୍ଷ, ୧ ହଜାର ଟଙ୍କା ଜରିମାନା (ଅନାଦାୟ ୬ମାସ ଅତିରିକ୍ତ କାରାଦଣ୍ଡ), ଦଫା ୩୪ ବିରେ ୩ବର୍ଷ ଓ ୨ ହଜାର ଟଙ୍କା ଜରିମାନା (ଅନାଦାୟ ୬ ମାସ ଅତିରିକ୍ତ କରାଦଣ୍ଡ) ଦେବା ନେଇ ରାୟ ଶୁଣାଇଛନ୍ତି।

ପୀଡ଼ିତାଙ୍କ ପକ୍ଷରୁ ସରକାରୀ ଓକିଲ ବିଜୟ କୁମାର ମିଶ୍ର ମକଦ୍ଦମା ପରିଚାଳନା କରୁଥିଲେ। ଅଭିଯୋଗ ଅନୁଯାୟୀ, ୨୦୧୪ ଅଗଷ୍ଟ ୨୭ ତାରିଖ ସକାଳ ୫ଟା ୩୦ରେ ପିପିଲି ଥାନା ଅଞ୍ଚଳର ଜଣେ ୧୧ ବର୍ଷୀୟା ନାବାଳିକା ଘରେ ଏକାକୀ ଶୋଇଥିବାବେଳେ ଅଭିଯୁକ୍ତ ଆଜାଦ ତାଙ୍କ ପ୍ରତି ଅସଦାଚରଣ କରିଥିଲେ। ନାବାଳିକାଙ୍କ ଏହା ଜାଣିବା ପରେ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ. ୩୩୭/୨୦୧୪) ରୁଜୁ କରି ତଦନ୍ତ ପରେ ଆଜାଦଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା।



ପୁରୀର ନୂଆସାହି ସେଭେନ୍ ଷ୍ଟାର୍ କ୍ଲବ୍ ପକ୍ଷରୁ ଆୟୋଜିତ ପ୍ରଥମ ନାଗେଶ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ହୋଇଥିବା ଚାମ୍ପିୟନ ଦଳ ନୋକାଲାମା ଟିମ୍‌ର ଖେଳାଳିମାନେ।



ଉତ୍କଳ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ବୁଧବାର ଅନୁଷ୍ଠିତ 'ଗଣମାଧ୍ୟମର ଆତ୍ମ ବିଶ୍ଳେଷଣ ଓ ଲିଙ୍ଗଗତ ସାମ୍ୟତା' ଶୀର୍ଷକ କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।



ଓଡ଼ିଶା ସାମ୍ବାଦିକ ଭବନରେ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଖଣ୍ଡକାବ୍ୟ 'ପଞ୍ଚସତୀ ଓ ଅନ୍ୟମାନେ'ର ଲୋକାର୍ପଣ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ଅନ୍ୟମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୪ ଫେବୃୟାରୀ, ୨୦୨୨



**ଡମପଡ଼ା ସିଡିପିଓଙ୍କ ଛତୁଆ ପ୍ଲାଣ୍ଟ ପରିଦର୍ଶନ**

ବାଙ୍କୀ,(ସ୍ୱ.ପ୍ର.): ଡମପଡ଼ା ବ୍ଲକ ସିଡିପିଓ ଫୁଲରାଣୀ ବେହେରା ବୁଧବାର ତୁଳସୀପୁରସ୍ଥିତ ମା'ଶାରଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଛତୁଆ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ସେ ଛତୁଆର ମାନ ଓ ପ୍ଲାଣ୍ଟ ପାରିପାର୍ଶ୍ୱିକ ସ୍ଥିତି ପରଖିଥିଲେ। ପ୍ରତିମାସର ପ୍ରଥମ ସପ୍ତାହର ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ଥିବା ଗର୍ଭବତୀ, ପ୍ରସୂତି, ୬ମାସଠାରୁ ୩ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ଛତୁଆ ପ୍ରଦାନ କରାଯାଉଛି। ସିଡିପିଓ ବେହେରାଙ୍କ ପରିଦର୍ଶନ ବେଳେ ସୁପରଭାଇଜର ଆରତି ସାମଲ, ଜ୍ୟୋତିର୍ମୟୀ ପ୍ରଧାନ ଏବଂ ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ଅଧିକାରୀଣୀ ହରିପ୍ରିୟା ସାହୁ ଉପସ୍ଥିତ ଥିଲେ।

## ସଂକ୍ଷେପରେ

## ଅନ୍ତରୀଣ ରହିତାଦେଶ ଜାରି କଲେ ହାଇକୋର୍ଟ

### ପୁରୀ ୱାର୍ଡ ସୀମା ନିର୍ଦ୍ଧାରଣ ମାମଲା

**କଟକ ଅଫିସ,୨୩।୨:** ପୁରୀ ପୌରପାଳିକାର ସୀମା ନିର୍ଦ୍ଧାରଣରେ ବ୍ୟାପକ ତ୍ରୁଟି ହୋଇଥିବା ଦର୍ଶାଇ ବୁଧବାର ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ବିଚାରପତି ବିଶ୍ୱନାଥ ରଥ ଏହାର ଶୁଣାଣି କରି ଜିଲାପାଳଙ୍କ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଫଳରେ ୨୦୧୮ରେ ସୀମା ନିର୍ଦ୍ଧାରଣ କମିଟି ପୁରୀରେ ସ୍ଥିର କରିଥିବା ୩୮ଟି ୱାର୍ଡରେ ନିର୍ବାଚନ ହେବା ଏକପ୍ରକାର ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ, ୨୦୧୮ରେ ସୀମା ନିର୍ଦ୍ଧାରଣ କମିଟି ପୁରୀ ପୌରପାଳିକାର ୱାର୍ଡ ସଂଖ୍ୟା ୩୮ ଧାର୍ଯ୍ୟ କରିଥିଲା। ୨୦୨୨ରେ ୱାର୍ଡ ପୁନର୍ଗଠନ ବେଳେ ଜିଲାପାଳ ୱାର୍ଡ ସଂଖ୍ୟା ୩୨କୁ କମାଇ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ୫ ଜଣ ପୂର୍ବତନ କାଉନସିଲର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେମାନେ ପିଟିଶନରେ ଦର୍ଶାଇଥିଲେ, ୫୦୦୦ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳକୁ ୱାର୍ଡର ମାନ୍ୟତା ଦିଆଯାଇଥାଏ ବୋଲି ପୌର ପରିଷଦ ନିୟମରେ ଉଲ୍ଲେଖ ରହିଛି। ତେବେ ୨୦୨୨ରେ ସୀମା ନିର୍ଦ୍ଧାରଣ କମିଟି ୩୦୦୦ ଜନସଂଖ୍ୟାକୁ ନେଇ ୱାର୍ଡ ନିର୍ଦ୍ଧାରଣ କରିଛନ୍ତି। ଫଳରେ ଏଥିରେ ବ୍ୟାପକ ତ୍ରୁଟି ଥିବା ଆବେଦନରେ ଦର୍ଶାଯାଇଛି।

## ୱାର୍ଡ ସ୍ଥିତି ଅନୁଧ୍ୟାନ କଲେ ଡେପୁଟି କମିଶନର

### ସିଏମ୍‌ସିର ନିର୍ବାଚନ ପ୍ରସ୍ତୁତି

**କଟକ ଅଫିସ, ୨୩।୨:** ପୌର ନିର୍ବାଚନ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ସହରରେ ମତଦାନ ପାଇଁ ସିଏମ୍‌ସି ପକ୍ଷରୁ ୪୫୨ ବୁଥ୍ ଚିହ୍ନଟ କରାଯାଇଛି । ଉକ୍ତ ବୁଥ୍‌ଗୁଡିକରେ ବିଦ୍ୟୁତ୍, ପାନୀୟଜଳ ଓ ଶୌଚାଳୟ ଭଳି ମୌଳିକ ସୁବିଧା ଉପଲବ୍ଧ ଅଛି କି ନାହିଁ ସେ ସମ୍ପର୍କରେ ସ୍ଥିତି ଯାଞ୍ଚ କରାଯାଉଛି। ଏନେଇ ଡେପୁଟି କମିଶନରମାନଙ୍କ ମଧ୍ୟରେ ୫୯ଟି ୱାର୍ଡକୁ ବିଭାଜନ କରାଯାଇଛି। ସେମାନେ ନିଜ ୱାର୍ଡରେ ଥିବା ବୁଥ୍ ପରିଦର୍ଶନକରି ସ୍ଥିତି ଯାଞ୍ଚ କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ତେବେ ବୁଧବାର ଡେପୁଟି କମିଶନର ଅଜୟ ମହାନ୍ତି ସିଏମ୍‌ସିର ୩୩, ୩୪, ୩୫, ୩୬ ୱାର୍ଡ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ୩୪ ନଂ. ୱାର୍ଡ ପୁରୁଣା ଏଲ୍‌ଆଇସି କଲୋନୀରେ ଥିବା ସ୍କୁଲ ଦୀର୍ଘଦିନ ହେବ ବନ୍ଦ ଥିବାରୁ କରେଣ୍ଟ ବ୍ୟବସ୍ଥା ନାହିଁ। ତେଣୁ ସେଠାରେ ବୁଥ୍ ପାଇଁ ଅସ୍ଥାୟୀ ଭାବେ କରେଣ୍ଟ ବ୍ୟବସ୍ଥା କରାଯିବ। ଏଭଳି ଅନେକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମହାନ୍ତି କହିଛନ୍ତି।

## ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**କଟକ ଅଫିସ, ୨୩।୨:** ରୋଟାରୀ କ୍ଲବ ଅଫ କଟକ ଇଷ୍ଟ ପକ୍ଷରୁ ନୂଆବଜାରସ୍ଥିତ ଗାନ୍ଧିପଲ୍ଲୀଠାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଇଂ. ସୁବୋଧ କୁମାର ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ଡା. ମନ୍ମଥ କୁମାର ଧୀର ମୁଖ୍ୟଅତିଥି ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଅନେକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେହିପରି ସ୍ତ୍ରୀରୋଗ ବିଶେଷଜ୍ଞ ଡା. ଅନନ୍ୟା ପ୍ରିୟଦର୍ଶିନୀ ଯୋଗଦେଇ ଋତୁସ୍ରାବ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସୁଶାନ୍ତ ପଣ୍ଡା, ପ୍ରଭାକର ବସ୍ତିଆ, ଦିଲ୍ଲୀପ ମହାନ୍ତି, ଲୋପାମୁଦ୍ରା ମହାରଣା, ଦୀପକ ଖୁଣ୍ଟିଆ, ସିଦ୍ଧାର୍ଥ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନନ୍ଦନକାନନରେ ପୁଣି ଚାଲିଲା ଶିଶୁ ରେଳଗାଡ଼ି

**ବାରଙ୍ଗ,୨୩।୨(ଡି.ଏନ୍.ଏ)**




ପ୍ରାଣୀଉଦ୍ୟାନ ନନ୍ଦନକାନନରେ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜିଥିବା ଶିଶୁ ରେଳଗାଡି ପୁଣିଥରେ ଚାଲିବା ଆରମ୍ଭ କରିଛି। ଆବଶ୍ୟକ ମରାମତି ପରେ ବୁଧବାର ଶିଶୁରେଳଗାଡି ଟ୍ରାକ୍‌ରେ ଗଡ଼ିଥିଲା। ୬ ଟ୍ରିପ୍‌ରେ ସମୁଦାୟ ୧୯୮ଜଣ ପର୍ଯ୍ୟଟକ ସେଥିରେ ବସି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ଏହି ପର୍ଯ୍ୟଟକଙ୍କ ମଧ୍ୟରେ ୧୪୯ଜଣ ବୟସ୍କ ଓ ୪୯ଜଣ ଛୋଟ ପିଲା ରହିଥିଲେ। ଦୀର୍ଘଦିନ ପରେ ଶିଶୁ ରେଳଗାଡ଼ିରେ ବସିବାର ସୁଯୋଗ ମିଳିଥିବାରୁ ସେମାନେ ବେଶ୍ ଆନନ୍ଦ ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ, ୭ ବର୍ଷ ପରେ ଗତବର୍ଷ ଶିଶୁରେଳଗାଡ଼ି ଚାଲିଥିଲା। ୪ କୋଟି ୯୮ଲକ୍ଷ ଟଙ୍କା ବ୍ୟୟରେ ରାଇଟ୍ସ କମ୍ପାନୀ ଦ୍ୱାରା ଅତ୍ୟାଧୁନିକ ଶୈଳୀରେ ଶିଶୁ ରେଳଗାଡିର ନବୀକରଣ କରାଯାଇ ଅକ୍ଟୋବର ୮ରେ ଏହାକୁ ଲୋକାର୍ପଣ କରାଯାଇଥିଲା। ବିଭାଗୀୟ ମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଅକ୍ଟୋବର ୧୪ରେ ଚାଲିବା ଆରମ୍ଭ କରିଥିଲା। ଶିଶୁ ସମେତ ପର୍ଯ୍ୟଟକ ବୁଲି ମଜା ନେଉଥିବାବେଳେ ଶିଶୁରେଳ ଗାଡ଼ିଟି ହଠାତ୍ ଧୂଆଁମୟ ହୋଇଯାଇଥିଲା। ଟ୍ରେନ ଚାଳକ ଗାଡ଼ିକୁ ରୋକି ଓହ୍ଲାଇ ପଡିବା ପରେ ଭୟରେ ଯାତ୍ରୀମାନେ ମଧ୍ୟ ଓହ୍ଲାଇ ପଡ଼ି ଦୌଡ଼ିଥିଲେ। ଖବରପାଇ ନନ୍ଦନକାନନର କର୍ମଚାରୀମାନେ ପହଞ୍ଚି ଯାଞ୍ଚ କରିବାରୁ ବ୍ୟାଟେରି ବଗିରେ କୌଣସି କାରଣବଶତଃ କଣ୍ଟ୍ରୋଲ ପ୍ୟାନେଲ ବୋର୍ଡ ଶର୍ଟସର୍କିଟ ହୋଇ ପୋଡିଯାଇ ଧୂଆଁ ହୋଇଯାଇଥିଲା। ନିଆଁ ଲାଗିବାକୁ ଆରମ୍ଭ କରିବା ପୂର୍ବରୁ ବେଟେରି ସଂଯୋଗକୁ ବିଚ୍ଛିନ୍ନ କରାଯାଇଥିଲା। ତେବେ ପର୍ଯ୍ୟଟକମାନେ ସୁରକ୍ଷିତ ଭାବେ ଟ୍ରେନ୍‌ରୁ ଓହ୍ଲାଇ ଯାଇଥିଲେ। ଏହାପରେ ମରାମତି କରାଯାଇ ଚାଲିଥିଲେ ମଧ୍ୟ ବାରମ୍ବାର ଯାନ୍ତ୍ରିକ ବିଭ୍ରାଟ ଦେଖାଇଦେଇଥିଲା। ଦଶହରା ଦିନ ୫୦ଜଣ ପର୍ଯ୍ୟଟକଙ୍କୁ ବୁଲାଇ ପ୍ଲାଟଫର୍ମକୁ ଫେରୁଥିବାବେଳେ ପ୍ୟାନେଲ ବୋର୍ଡ ଓ ମୋଟର ପୋଡି ଧୂଆଁମୟ ହୋଇଯାଇଥିଲା। ସେହିଦିନଠାରୁ ମରାମତି ପାଇଁ ଏହାକୁ ବନ୍ଦ କରାଯାଇଥିଲା।



ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସର ପିଆଜ କ୍ଷେତରେ କୃଷି ଶ୍ରମିକମାନେ ଅନାବନା ଘାସ ବାଛିବା ସହ କୋଡ଼ାଖୁସା କରୁଛନ୍ତି।

## ଗଣତିରେ ନିୟୋଜିତ ହେବେ ୧୫୦ କର୍ମଚାରୀ

### ଉପଜିଲାପାଳଙ୍କ ଭୋଟ ଗଣନା କେନ୍ଦ୍ର ପରିଦର୍ଶନ

**ନିଶ୍ଚିନ୍ତକୋଇଲି,୨୩।୨(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟରେ ଆସନ୍ତା ୨୬ ତାରିଖରେ ଭୋଟ ଗଣତି ହେବ। ପ୍ରାର୍ଥୀମାନେ ଗଣତି ପାଇଁ ଏଜେଣ୍ଟ ନିଯୁକ୍ତି ଆବେଦନ କରୁଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଗଣତି କେନ୍ଦ୍ର ଗଠନ କରାଯାଇଛି। ଗଣତି ପାଇଁ ୨ଟି ପ୍ରକୋଷ୍ଠ ହୋଇଛି। ପ୍ରତି ପ୍ରକୋଷ୍ଠରେ ୯ଟି ଟେବୁଲ ପ୍ରସ୍ତୁତ କରାଯାଇ ୱାର୍ଡୱାରି ଭୋଟ ଗଣତି କରାଯିବ। ପ୍ରତି ଟେବୁଲରେ ଜଣେ ସୁପରଭାଇଜର, ୨ ଜଣ ଗଣନାକାରୀ ଓ ଜଣେ ସହାୟକ ନିଯୁକ୍ତି ପାଇଛନ୍ତି। ଭୋଟ ଗଣତିରେ ୧୫୦ରୁ ଊର୍ଦ୍ଧ୍ୱ କର୍ମଚାରୀ ନିୟୋଜିତ ହେବେ। ଷ୍ଟ୍ରଙ୍ଗରୁମ୍‌ରୁ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ବାଲଟ ବାକ୍ସକୁ ପ୍ରକୋଷ୍ଠକୁ ଅଣାଯିବ। ପ୍ରଥମେ ୱାର୍ଡ ସଭ୍ୟ, ସମିତିସଭ୍ୟ, ସରପଞ୍ଚ ଓ ଶେଷରେ ଜିଲା ପରିଷଦ ଫଳାଫଳ ଘୋଷଣା କରାଯିବ। ଗଣତି ପ୍ରକୋଷ୍ଠକୁ ସିସିଟିଭି ସ୍କାନରରେ ରଖାଯିବା ସହ ସାଧାରଣ ଲୋକଙ୍କ ପାଇଁ ବାହାରେ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯିବ। ତେବେ ବ୍ଲକ ପ୍ରଶାସନ କରିଥିବା ବିଭିନ୍ନ କାର୍ଯ୍ୟକ୍ରମକୁ କଟକ ଉପଜିଲାପାଳ ପ୍ରତାପ କୁମାର ବେଉରିଆ ବୁଧବାର ଭୋଟ ଗଣନା କେନ୍ଦ୍ର ପରିଦର୍ଶନ କରିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# ମାର୍ଚ୍ଚ ୨୩ରେ ଆଠଗଡ଼ ପଞ୍ଚଦୋଳ ମେଳଣ

**ଆଠଗଡ଼,୨୩।୨(ସ୍ୱ.ପ୍ର.)**

ଆଠଗଡ଼ ଗଡ଼ଜାତର ପ୍ରସିଦ୍ଧ ପଞ୍ଚଦୋଳ ମେଳଣ ମାର୍ଚ୍ଚ ୨୩ରେ ହେବ। ଏଥି ନିମନ୍ତେ ପ୍ରସ୍ତୁତି ବୈଠକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆଠଗଡ଼ର ସମସ୍ତ ବଜାର, ସାହି କମିଟି ସଦସ୍ୟ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ। ସେମାନେ ଦୋଳ ମେଳଣକୁ ସୁବ୍ୟବସ୍ଥିତ କରିବାକୁ ନିଜ ନିଜର ମତାମତ ରଖିଥିଲେ। ଫଗୁ ଦଶମୀଠାରୁ ବାରୁଣୀ ପର୍ଯ୍ୟନ୍ତ ଆଠଗଡ ଗଡଜାତ ଅଞ୍ଚଳରେ ହେବାକୁ ଥିବା ଦୋଳ ମେଳଣ ଉତ୍ସବରେ ପଞ୍ଚଦୋଳର ବିଶେଷତ୍ୱକୁ ଆଖି ଆଗରେ ରଖି ପ୍ରଶାସନିକ ସ୍ତରରେ ସମସ୍ତ ପ୍ରକାର ପ୍ରସ୍ତୁତି ସମୟ ପୂର୍ବରୁ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମାର୍ଚ୍ଚ ୧୩ ରେ ଅନୁଷ୍ଠିତ ହେବାକୁ ଥିବା ରାଜଦୋଳ ଓ ଅଗ୍ନି ଉତ୍ସବ ରାଜୁଡା ଅମଳରୁ ପାରମ୍ପରିକ ଭାବେ ପାଳିତ ହୋଇ ଆସୁଛି। ଉକ୍ତ ଦିନଠାରୁ ଆଠଗଡର ଆରାଧ୍ୟ ଶ୍ରୀରାଧାଗୋବିନ୍ଦ ଜୀଉ, ଶ୍ରୀଅଟାଳି ଜଗନ୍ନାଥ, ଶ୍ରୀରଘୁନାଥ ଜୀଉଙ୍କ ଚଳନ୍ତି ପ୍ରତିମା ବିଭିନ୍ନ ସାହିରେ ଚାଚେରି ଭୋଗ ଖାଇବେ। ୧୮ ତାରିଖ ଦୋଳ ପୂର୍ଣ୍ଣିମାରେ ଦୁର୍ଗା ବଜାର ଦୋଳ ମଣ୍ଡପଠାରେ ନୂତନ ପଞ୍ଜିକା ପାଠ କରାଯିବ। ପୂର୍ବବର୍ଷ ଭଳି ଚଳିତବର୍ଷ ଆଠଗଡ଼ ଅଞ୍ଚଳର ବିଭିନ୍ନ ଦେବଦେବୀଙ୍କୁ ପାରମ୍ପରିକ ଭାବେ ଦେବୋତ୍ତର ବିଭାଗ ପକ୍ଷରୁ ନିମନ୍ତ୍ରଣ କରାଯିବା ସହ ସେମାନଙ୍କର ସମସ୍ତ ଖର୍ଚ୍ଚ ପ୍ରଶାସନ ପକ୍ଷରୁ ବହନ କରିବା ପାଇଁ ସ୍ଥିର କରାଯାଇଛି। ଅନ୍ୟାନ୍ୟ ପରମ୍ପରା ଭାବରେ ଦୋଳବାସି ହୋଲି ଦୋଳ ପୂର୍ଣ୍ଣିମାଠାରୁ ବାରୁଣୀ ପର୍ଯ୍ୟନ୍ତ ଆଠଗଡର ବିଭିନ୍ନ ସ୍ଥାନରେ ପାଳନ କରାଯାଇଥାଏ। ବିନା କୌଣସି ରାସାୟନିକ ରଙ୍ଗରେ କେବଳ ଫଗୁ ଓ ଅବିରରେ ହୋଲି ସକାଳ ୯ ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ମଧ୍ୟରେ ଶେଷ ହେବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ଦେବୋତ୍ତର ବିଭାଗ ଅଧୀନରେ ଥିବା ବିଭିନ୍ନ ମଠ ମନ୍ଦିରର ରଙ୍ଗ ଏବଂ ମରାମତି କାର୍ଯ୍ୟ ସମୟ ପୂର୍ବରୁ ସାରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଆଠଗଡ ବିଡିଓ ଅରୁଣ କୁମାର ଦାସ, ତହସିଲଦାର ପ୍ରିୟବ୍ରତ ଦାସ, ଉପଖଣ୍ଡ ଚିକିତ୍ସା ଅଧିକାରୀ ବିଜୟ କୁମାର ମିଶ୍ରଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଦେବୋତ୍ତର ସୁପରଭାଇଜର ଭବାନୀ ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରାମଚନ୍ଦ୍ର ଦେବ ବଘେଇ କ୍ରିକେଟ କ୍ଲବ୍ ଚାମ୍ପିୟନ

**ବାଙ୍କୀ,୨୩।୨(ସ୍ୱ.ପ୍ର.)**



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳ ଓ ଅନ୍ୟମାନେ।

ବାଙ୍କୀ ବ୍ଲକ ଅଧୀନ ଜଗନ୍ନାଥପୁର ପଞ୍ଚାୟତର ବଘେଇ ରାମଚନ୍ଦ୍ର ଦେବ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୪୧ତମ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବାଙ୍କୀ ଇଲେଭେନ ଷ୍ଟାର କ୍ରିକେଟ କ୍ଲବକୁ ହରାଇ ରାମଚନ୍ଦ୍ର ଦେବ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ବଘେଇ କ୍ରିକେଟ କ୍ଲବ ୨୦ ଓଭରରେ ୯ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା। ବାଙ୍କୀ ଟିମ୍ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୯ ରନ କରି ପରାଜୟ ହୋଇଥିଲା। ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ବଘେଇ କ୍ରିକେଟ କ୍ଲବକୁ ଚାମ୍ପିୟନ ଟ୍ରଫି ସହ ୧୨ ହଜାର ଅର୍ଥରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମିର୍ଜା ସର୍ଦ୍ଦାର ଅଲ୍ଲୀ ବେଗ ଯୋଗଦେଇ ବାଙ୍କୀ ଦଳକୁ ରନର୍ସ ଅଫ ଟ୍ରଫି ସହ ୮ହଜାର ଅର୍ଥରାଶି ପ୍ରଦାନ କରିଥିଲେ।

## ବାଙ୍କୀ ବ୍ଲକର ୩୩୩ ବୁଥ୍‌ରେ ନିର୍ବାଚନ ଆଜି

**ବାଙ୍କୀ,୨୩।୨(ସ୍ୱ.ପ୍ର.)**

ବାଙ୍କୀ ବ୍ଲକର ୩ଟି ଜିଲା ପରିଷଦ ଜୋନ୍, ୨୦ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ୯୮ ଜଣ ୱାର୍ଡ ସଭ୍ୟ ପାଇଁ ନିର୍ବାଚନ ଗୁରୁବାର ହେବ। ୩୩୩ଟି ବୁଥ୍ ମଧ୍ୟରୁ ୩୬ଟି ସମବେଦନଶୀଳ ବୁଥ୍ ଚିହ୍ନଟ ହୋଇଛି। ବୁଧବାର ବାଙ୍କୀ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଖଜୁରୀପଦା ନୂଆଗାଁ ପଞ୍ଚାୟତକୁ ଦୁଇ ପ୍ଲାଟୁନ୍ ପୋଲିସ, ୨ଜଣ ଇନ୍ସପେକ୍ଟର ଓ ଜଣେ ଡିଏସ୍‌ପି ମୁତୟନ ହୋଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ସେହିପରି କନ୍ତପହଁରା ପଞ୍ଚାୟତ ଘୋଳପୁରଠାରେ ଗୋଟିଏ ସେକ୍ସନ୍ ପୋଲିସ ଦଳ, ଜଣେ ଇନ୍ସପେକ୍ଟର, ଗୋଟିଏ ପାଟ୍ରୋଲିଂ ମୋବାଇଲ୍ ଗାଡି ମୁତୟନ କରାଯାଇଛି। ୩୩୩ଟି ବୁଥ୍ ପାଇଁ ୩୪୦ଜଣ ପୋଲିସ ମୁତୟନ ହୋଇଛନ୍ତି।




ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅମନ



@ ବିଜୟ



@ ସିଦ୍ଧେଶ୍ୱର



@ ସୂର୍ଯ୍ୟକାନ୍ତ



@ ବର୍ଷା



@ ସରୋଜ

## ଉର୍ଦ୍ଦୁ ସେକେଣ୍ଡାରି ସିଟି ଟ୍ରେନିଂ ସ୍କୁଲ ବନ୍ଦ ନିଷ୍ପତ୍ତିକୁ ଛାତ୍ର କଂଗ୍ରେସର ବିରୋଧ

**ଭୁବନେଶ୍ୱର,୨୩।୨(ବ୍ୟୁରୋ)**

କଟକରେ ଉର୍ଦ୍ଦୁ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ବନ୍ଦ କରିବା ନିଷ୍ପତ୍ତିକୁ ବିରୋଧ କରିଛି ଛାତ୍ର କଂଗ୍ରେସ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଟ୍ରେନିଂ ସ୍କୁଲ ବନ୍ଦ ହୋଇଗଲେ ଓଡ଼ିଶାର ମୁସଲମାନ ସଂଖ୍ୟାଲଘୁ ଛାତ୍ରୀଛାତ୍ର ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହେବେ। କେବଳ ଉର୍ଦ୍ଦୁ ଶିକ୍ଷା ନୁହେଁ, ଏହି କ୍ଷେତ୍ରରେ ନିଯୁକ୍ତି ପାଇଁ ଆଶାୟୀ ଥିବା ଯୁବତୀଯୁବକ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ପ୍ରକାଶ କରିଛନ୍ତି।

ସେ କହିଛନ୍ତି, ୧୯୧୨ରୁ କଟକର ଶେଖ ବଜାରରେ ଉର୍ଦ୍ଦୁ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ପ୍ରତିଷ୍ଠା ହୋଇଥିଲା। ଉର୍ଦ୍ଦୁ ମାଧ୍ୟମରେ ପ୍ରାଥମିକ ଶିକ୍ଷକ ଟ୍ରେନିଂ ନିମନ୍ତେ ଏହି ଅନୁଷ୍ଠାନଟି ଉଦ୍ଦିଷ୍ଟ। କିନ୍ତୁ ଗତବର୍ଷରୁ ଏହି ଉର୍ଦ୍ଦୁ ଶିକ୍ଷାନୁଷ୍ଠାନରେ ଶିକ୍ଷାର୍ଥୀଙ୍କୁ ଆଡ୍‌ମିଶନ କରାଯାଇନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନରେନ୍ଦ୍ର ମୋଦିଙ୍କୁ ଖୁସି କରିବାକୁ ଯାଇ ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ୟାସିର ଅଭିଯୋଗ କରିଛନ୍ତି। ଯଦି ଓଡିଶା ସରକାର ଏହାକୁ ବନ୍ଦ କରନ୍ତି, ତେବେ ଓଡ଼ିଶା ଛାତ୍ର କଂଗ୍ରେସ ପକ୍ଷରୁ କଦାପି ବରଦାସ୍ତ କରାଯିବନାହିଁ। ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ରାଜରାସ୍ତାରେ ଲଢେଇ କରିବା ପାଇଁ ଓଡ଼ିଶା ଛାତ୍ର କଂଗ୍ରେସ ପ୍ରସ୍ତୁତ ଅଛି। ତେଣୁ ଓଡ଼ିଶା ସରକାର କେନ୍ଦ୍ରର ଭାଜପା ସରକାରଙ୍କ ହାତବାରିସି ନ ହୋଇ ଏହି ଟ୍ରେନିଂ ସ୍କୁଲକୁ ପୁନର୍ବାର ପରିଚାଳିତ କରନ୍ତୁ। ନଚେତ ଆଗାମୀ ଦିନରେ ଛାତ୍ର କଂଗ୍ରେସ ବୃହତ୍ ଆନ୍ଦୋଳନ କରିବ ବୋଲି ୟାସିର ଚେତାବନୀ ଦେଇଛନ୍ତି।



ପୁରୀର ନୂଆସାହି ସେଭେନ୍ ଷ୍ଟାର୍ କ୍ଲବ୍ ପକ୍ଷରୁ ଆୟୋଜିତ ପ୍ରଥମ ନାଗେଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ହୋଇଥିବା ଚାମ୍ପିୟନ ଦଳ ନୋକାଲାମା ଟିମ୍‌ର ଖେଳାଳିମାନେ।



ଉତ୍କଳ ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ପକ୍ଷରୁ ବୁଧବାର ଅନୁଷ୍ଠିତ 'ଗଣମାଧ୍ୟମର ଆତ୍ମ ବିଶ୍ଳେଷଣ ଓ ଲିଙ୍ଗଗତ ସାମ୍ୟତା' ଶୀର୍ଷକ କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।



ଓଡ଼ିଶା ସାମ୍ବାଦିକ ଭବନରେ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଖଣ୍ଡକାବ୍ୟ 'ପଞ୍ଚସତୀ ଓ ଅନ୍ୟମାନେ'ର ଲୋକାର୍ପଣ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ଅନ୍ୟମାନେ।